RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -164 | ସଂଖ୍ୟା-୧୬୪
ଭୁବନେଶ୍ୱର, ମଙ୍ଗଳବାର, ୦୯ ସେପ୍ଟେମ୍ବର ୨୦୨୫
Bhubaneswar, Tuesday, 09, September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆଜି ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୮।୯(ନି.ପ୍ର.); ଆସନ୍ତାକାଲି ଦେଶରେ ହେବ ଉପ ରାଷ୍ଟ୍ରପତି ନିର୍ବାଚନ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଉଭୟ ଶାସକ ଓ ବିରୋଧୀ ନିଜର ରଣନୀତି ପ୍ରସ୍ତୁତ କରି ସାରିଛନ୍ତି। ମଙ୍ଗଳବାର ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକ ପ୍ରକାରର ନିଶ୍ଚିତ।

ହେଲେ ପୂର୍ବ ନିର୍ବାଚନ ଗୁଡିକ ଭଳି ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ ରହିବ ବୋଲି ସ୍ପଷ୍ଟ ହୋଇଛି। ଖାସ ଏହି କାରଣ ପାଇଁ ଏନଡିଏ ପକ୍ଷରୁ ମେଣ୍ଟର ପ୍ରତିଟି ଭୋଟକୁ ଟ୍ରାକ କରାଯାଉଛି। ଗୋଟିଏ ହେଲେ ବି ଭୋଟ ମେଣ୍ଟ ହରାଇବାକୁ ଚାହୁଁନାହିଁ।

ଉପ ରାଷ୍ଟ୍ରପତିଙ୍କୁ ସଂସଦର ସଦସ୍ୟମାନେ ସିକ୍ରେଟ ବାଲଟ ଦ୍ୱାରା ନିର୍ବାଚିତ କରନ୍ତି। ଏହାର ଅର୍ଥ ସାଂସଦମାନେ ନିଜ ଇଚ୍ଛାରେ ଭୋଟ ଦେଇପାରିବେ। ତଥାପି ଦେଶରେ ହେଉଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ସାଂସଦମାନେ ଦଳ କଥାରେ ଭୋଟ ଦିଅନ୍ତି। ନିର୍ବାଚନରେ କ୍ରସ ଭୋଟିଂ ମଧ୍ୟ ହୋଇଥାଏ। ପୂର୍ବରୁ ଅନେକ ଥର ଏହା ଦେଖିବାକୁ ମିଳିଛି। ଏନଡିରେ ନ ରହି ମଧ୍ୟ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡିଙ୍କ ୱାଇଏସ୍‌ଆର କଂଗ୍ରେସ ଓ ବିଆରଏସ୍ ସାଂସଦମାନେ ବିଜେପିକୁ ସମର୍ଥନ କରିଛନ୍ତି।

୨୦୨୨ରେ ଜଗଦୀପ ଧନଖଡ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ ବିଜୟ ଉପ ରାଷ୍ଟ୍ରପତି ନିର୍ବାଚନରେ ହାସଲ କରିଥିଲେ। ଓଡିଶାର ବିଜେଡି ଓ ଆନ୍ଧ୍ରର ୱାଇଏସ୍‌ଆର କଂଗ୍ରେସ ମଧ୍ୟ ତାଙ୍କୁ ସମର୍ଥନ କରିଥିଲା। ପ୍ରାୟ ୭୫% ସାଂସଦଙ୍କ ସମର୍ଥନ ଧନଖଡ ପାଇଥିଲେ। ଅନେକ ସାଂସଦ ଦଳ ଲାଇନରୁ ବାହାରକୁ ଯାଇ କ୍ରସ ଭୋଟିଂ କରିଥିଲେ। ଏଥିର ମଧ୍ୟ କ୍ରସ ଭୋଟିଂର ଯଥେଷ୍ଟ ସମ୍ଭାବନା ରହିଛି।

ବର୍ତ୍ତମାନ ରାଜ୍ୟସଭାରେ ୨୩୯ ଓ ଲୋକସଭାରେ



୫୪୨ ଜଣ ସାଂସଦ ରହିଛନ୍ତି। ଏମାନେ ସମସ୍ତେ ଆସନ୍ତାକାଲି ଉପ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ। କିନ୍ତୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ଓ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ? ଭୋଟ ଦାନରୁ ଦୂରେଇ ରହିବେ ବୋଲି ଘୋଷଣା କରିଛନ୍ତି। ତେଣୁ ଏବେ ଉଭୟ ସଦନରେ ସାଂସଦଙ୍କ ସଂଖ୍ୟା ୭୭୦କୁ ଖସି ଆସିଛି। ଏହାର ଅର୍ଥ ନିର୍ବାଚନ ଜିତିବାକୁ ୩୮୬ ସାଂସଦଙ୍କ ଭୋଟ ଦରକାର।

ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ମୋଟ ୪୨୫ ଜଣ ସାଂସଦ ରହିଛନ୍ତି। ତେଣୁ ବିଜେପି ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଦେଶର ଉପ ରାଷ୍ଟ୍ରପତି ହେବା ନିଶ୍ଚିତ। ତଥାପି ଶାସକ ଦଳ ଜଗନଙ୍କ ୱାଇଏସ୍‌ଆର କଂଗ୍ରେସର ସମର୍ଥନ ହାସଲ କରିପାରେ। ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି।

ଯଦି ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ସିପି ରାଧାକ୍ରିଷ୍ଣନଙ୍କୁ ସମର୍ଥନ କରାଯାଏ, ତା'ହେଲେ ବିଆରଏସ୍ ଓ ବିଜେଡି ବାଦ ମଧ୍ୟ ଏନଡିଏର ସାଂସଦଙ୍କ ସଂଖ୍ୟା ୪୩୬ରେ ପହଞ୍ଚିବ। ଏହାବାଦ ବି ଏନଡିଏର ସମର୍ଥନ ବଢ଼ିପାରେ।

ସ୍ୱାତୀ ମାଲିୱାଲ ହେଉଛନ୍ତି ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ। କିନ୍ତୁ ଦଳ ସହ ସାଂସଦଙ୍କ ସମ୍ପର୍କ ବିଗିଡି ଯାଇଛି। ଗତବର୍ଷ ସେ ଦଳର ମୁଖିଆ ଅରବିନ୍ଦ କେଜ୍ରିୱାଲଙ୍କ ସହଯୋଗୀଙ୍କ ବିରୋଧରେ ମାଡ ମାରିବାର ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଆପ ସହ ମାଲିୱାଲଙ୍କ ପଡୁନାହିଁ। ତେଣୁ ମଙ୍ଗଳବାର ସେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାର ଯଥେଷ୍ଟ ସମ୍ଭାବନା ରହିଛି।

ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ଭୂମିକା ଉପରେ ମଧ୍ୟ ନଜର ରହିବ। ସେହିପରି ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ଲେଖାଏ ସାଂସଦ ରହିଛନ୍ତି। ଯଦି ଏହି ସବୁ ଭୋଟ ରାଧାକ୍ରିଷ୍ଣନଙ୍କ ସପକ୍ଷରେ ଯାଏ, ତା'ହେଲେ ବିଜେପି ପ୍ରାର୍ଥୀଙ୍କ ଭୋଟ ୪୫୮ରେ ପହଞ୍ଚିଯିବ। ତଥାପି ଏହା ୩ ବର୍ଷ ତଳେ ଧନଖଡ ହାସଲ କରିଥିବା ୫୨୮ଟି ଭୋଟରୁ କମ।

ସିପି ରାଧାକ୍ରିଷ୍ଣନଙ୍କୁ କାଉଣ୍ଟର କରିବା ଲାଗି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡିଙ୍କୁ ଚୟନ କରିଛି। ତେବେ ଉଭୟ ଗୃହରେ ବିରୋଧୀ ମେଣ୍ଟର ମୋଟ ସାଂସଦଙ୍କ ସଂଖ୍ୟା ୩୨୪। ତେଣୁ ଚଳିତ ନିର୍ବାଚନରେ କଡା ଟକ୍କର ଦେଖିବାକୁ ମିଳିବ। କାରଣ ୨୦୨୨ ଅପେକ୍ଷା ଏଥର ବିରୋଧୀଙ୍କ ପାଖରେ ଅଧିକ ସାଂସଦ ରହିଛନ୍ତି।

ହେଲେ ଏହା ବିଜୟ ପାଇଁ ଯଥେଷ୍ଟ ନୁହେଁ। ଯଦି ସମସ୍ତ ବିରୋଧୀ ସାଂସଦ ମଙ୍ଗଳବାର ଜଷ୍ଟିସ ରେଡ୍ଡିଙ୍କ ସପକ୍ଷରେ ଭୋଟ କରିବେ, ତଥାପି ସେ ୧୦୦ ଓ ୧୩୫ ଭୋଟ ପଛରେ ରହିବେ। ବିଆରଏସ, ବିଜେଡି, ସ୍ୱାତୀ ମାଲିୱାଲ, ସମସ୍ତ ସ୍ୱାଧୀନ ସାଂସଦ, ଅକାଳୀ ଦଳ ଓ ଜେଡପିଏମ(ମିଜୋରାମ) ର ସାଂସଦମାନେ ଯଦି ବି ଜଷ୍ଟିସ ରେଡ୍ଡିଙ୍କୁ ସମର୍ଥନ କରିବେ, ତଥାପି ସେ ଉପ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ହାସଲ କରିପାରିବେ ନାହିଁ। ଏସବୁ ସତ୍ତ୍ୱେ ଇଣ୍ଡିଆ ବ୍ଲକ ନିର୍ବାଚନ ଜିତିବା ଠାରୁ ୭୦ ଖଣ୍ଡ ଭୋଟ ପଛରେ ରହିବ।

# ଆଧାର ପରିଚୟପତ୍ର, କିନ୍ତୁ ନାଗରିକତା ପ୍ରମାଣପତ୍ର ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୯(ନି.ପ୍ର.): ବିହାରରେ ଏସଆଇଆର ସମ୍ପର୍କରେ ସୁପ୍ରିମକୋର୍ଟ ଏକ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ନିର୍ବାଚନ କମିସନଙ୍କ ନିଷ୍ପତ୍ତି ବିରୋଧରେ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଆଧାର କାର୍ଡକୁ ନିର୍ବାଚନ ଅଧିକାରୀମାନେ ଦ୍ୱାଦଶ ଡକ୍ୟୁମେଣ୍ଟ ଭାବରେ ବିବେଚନା କରିବେ। ଅଧିକାରୀମାନଙ୍କୁ ଆଧାର କାର୍ଡର ପ୍ରାମାଣିକତା ଏବଂ ବାସ୍ତବତା ଯାଞ୍ଚ କରିବାର ଅଧିକାର ରହିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହାକୁ ନାଗରିକତାର ପ୍ରମାଣ ଭାବରେ ଗ୍ରହଣ କରାଯିବ ନାହିଁ। ନିର୍ବାଚନ କମିଶନ ଏହି ନିର୍ଦ୍ଦେଶର ସୂଚନା ତାଙ୍କ ୱେବସାଇଟରେ ସାର୍ବଜନୀନ କରିବା ଉଚିତ।ନିର୍ବାଚନ କମିସନଙ୍କ ଓକିଲ ରାକେଶ ଦ୍ୱିବେଦୀ କହିଛନ୍ତି ଯେ ଆଧାର ନାଗରିକତା ନୁହେଁ, ପରିଚୟର ପ୍ରମାଣ ହୋଇପାରେ। ସେହି



ସମୟରେ, ବରିଷ୍ଠ ଓକିଲ କପିଲ ସିବଲ ଜୋର ଦେଇ କହିଥିଲେ ଯେ ଏହା ଦ୍ୱାଦଶ ଡକ୍ୟୁମେଣ୍ଟ ହେବ, ଯାହାକୁ ସେମାନଙ୍କୁ ଗ୍ରହଣ କରିବାକୁ ପଡିବ। ଗୋପାଳ ଶଙ୍କରନାରାୟଣ କହିଛନ୍ତି ଯେ ସେମାନେ ଏହାକୁ କାହିଁକି ବିରୋଧ କରୁଛନ୍ତି ? ଜଷ୍ଟିସ୍ କାନ୍ତ କହିଛନ୍ତି ଯେ ଯଦି ଏହାକୁ ଦ୍ୱାଦଶ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯାଏ, ତେବେ ଏଥିରେ ଅସୁବିଧା କ'ଣ? ଦ୍ୱିବେଦୀ କହିଥିଲେ ଯେ ଏହାକୁ ପାସପୋର୍ଟ ପରି ବ୍ୟବହାର କରାଯାଇପାରିବ ନାହିଁ। ଏ ନେଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କେହି ଆଧାର ବ୍ୟବହାର କରି ଆବେଦନ କରନ୍ତି ଏବଂ ଆପଣଙ୍କର ( ନିର୍ବାଚନ କମିସନ) କୌଣସି ସନ୍ଦେହ ହୁଏ, ତେବେ ଏହାର ତଦନ୍ତ କରିପାରିବେ ।

# ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ

ଭୁବନେଶ୍ୱର,୮।୯(ନି.ପ୍ର.): ଆଉ ନାହାନ୍ତି ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ। ଚେନ୍ନାଇର ଗୋଟିଏ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ୪ ଥରର ବିଧାୟକ ରାଜେନ୍ଦ୍ର ଢୋଲକିଆ ଦୀର୍ଘ ଦିନ ହେଲା ଅସୁସ୍ଥତା କାରଣରୁ ଚେନ୍ନାଇର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହାର୍ଟ ଏବଂ କିଡନୀ ରୋଗରେ ପୀଡ଼ିତ ଥିଲେ ଶ୍ର ଢୋଲକିଆ।ସେ ପ୍ରଥମଥର ୨୦୦୪ରେ ନୂଆପଡ଼ାରୁ ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ମିଶି ୨୦୧୪, ୨୦୧୯ ଓ ୨୦୨୪ ନିର୍ବାଚନ ଜିତିଥିଲେ। ସେ କ୍ୟାବିନେଟ୍ ମନ୍ତ୍ରୀ ଭାବେ କାର୍ଯ୍ୟ ମଧ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ବିଧାୟକଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି।

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ୍ୟ ଦଳର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତରେ ଶୋକ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, "ବିଜୁ ଜନତା ଦଳର ବରିଷ୍ଠ ରାଜନେତା, ନୂଆପଡ଼ାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ।

ଦଳର ସଙ୍ଗଠନକୁ ମଜବୁତ କରିବା ସହ ଲୋକଙ୍କ ହକ୍ ପାଇଁ ସ୍ୱର ଉଠାଇବାରେ ସେ ସବୁବେଳେ ଆଗରେ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଜନସେବାରେ ତାଙ୍କର କାର୍ଯ୍ୟ ସବୁବେଳେ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି।" ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ସେ ମଧ୍ୟ ସୋଶାଲ ମିଡିଆ ଏକ୍ସରେ ପୋଷ୍ଟ ଶେୟାର କରି କହିଛନ୍ତି, "ଦୀର୍ଘ ଧରି ଅସୁସ୍ଥ ରହିବା ପରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ପରିବାର ଓ ପରିଜନ ପ୍ରତି ସମବେଦନା ଜଣାଉଛି।'

## ପୁଣି ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୯: ସୋମବାର ପୁଣି ଦିଲ୍ଲୀ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ ଯାଇଥିବାବେଳେ ଆସନ୍ତାକାଲି ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନେଇ ଅନେକ ଚର୍ଚ୍ଚା ହେଉଛି। ସେଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି ମୁଖ୍ୟମନ୍ତ୍ରୀ। ମନମୋହନ ସାମଲ ଦିଲ୍ଲୀରେ ଥିବାରୁ ରାଜ୍ୟ ସଂଗଠନ ନେଇ କିଛି ବି ହୋଇପାରେ। କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମୋହନ-ମନମୋହନ ମିଳିତ ଭାବେ ଆଲୋଚନା କରିପାରନ୍ତି। କମିଟି, ବୋର୍ଡ ନିଗମ ନିଯୁକ୍ତି, ମନ୍ତ୍ରିମଣ୍ଡଳ ନେଇ ବଡ଼ଧରଣର ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି।

# ଭୋଟଦାନରୁ ଦୂରେଇଗଲା ବିଜେଡି

- ପରୋକ୍ଷରେ ସମର୍ଥନ ମିଳିଛି : ବିଜେପି
- ଭୟରେ ସମର୍ଥନ କରୁଛି ବିଜେଡି : କଂଗ୍ରେସ



ଭୁବନେଶ୍ୱର,୮।୯(ନି.ପ୍ର.): ଦୀର୍ଘ ଏକ ଦଶନ୍ଧି ଧରି କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରକୁ 'ଉପରେ ପଡି ପ୍ରେମ' କରୁଥିବା ବିଜେଡି ଆଜି ପୁଣିଥରେ ନିଜର ସୁବିଧାବାଦୀ ଚିତ୍ର ଓ ଚରିତ୍ରକୁ ପଦାରେ ପକାଇଛି । ଉପରାଷ୍ଟ୍ରପତି ନିର୍ବାଚନରେ 'ସମଦୂରତ୍ୱର ଆଳ' ଦେଖାଇ ଉଭୟ ଏନଡିଏ ଓ ଇଣ୍ଡିମେଂଟଠୁ ଦୂରେଇ ରହିବ ବୋଲି ନିଷ୍ପତ୍ତି ନେଇ ସିଧାସଳଖ ନିଜର ସାଂସଦମାନଙ୍କ ଭୋଟ୍ ଦାନ ଅଧିକାରକୁ ହାଇଜ୍ୟାକ୍ କରିନେଇଛି ।

ସେପଟେ ବିଜେଡିର ଏହି ଭୋଟଦାନରୁ ବିରତ ରହିବା ନିଷ୍ପତ୍ତିକୁ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସ୍ୱାଗତ କରିବା ସହ ଏହା ଏନଡିଏକୁ 'ପରୋକ୍ଷ ସମର୍ଥନ' କହିଥିବାବେଳେ ଇଡି-ସିବିଆଇ ଓ ଆଇଟି ଭୟରେ ବିଜେଡି ଏଭଳି ପରୋକ୍ଷ ସମର୍ଥନ ଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି ।

ଆସନ୍ତାକାଲି ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆଜି ରାଜ୍ୟସଭାରେ ବିଜେଡିର ନେତା ସସ୍ମିତ ପାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ "ଦଳର ବରିଷ୍ଠ ନେତା, ରାଜନୀତିକ ବ୍ୟାପାର କମିଟି ଓ ସାଂସଦମାନଙ୍କ ସହ ଦଳର ସଭାପତି ନବୀନ ପଟ୍ଟନାୟକ ବିଚାରବିମର୍ଶ କରିବା ପରେ ଉପରାଷ୍ଟ୍ରପତି ନିର୍ବାଚନରେ ଅନୁପସ୍ଥିତ ରହିବା ପାଇଁ ବିଜେଡି ନିଷ୍ପତ୍ତି ନେଇଛନ୍ତି । ଏନଡିଏ ଓ ଇଣ୍ଡିମେଂଟଠାରୁ ବିଜେଡି ସମଦୂରତ୍ୱ ବଜାୟ ରଖିବ । ଓଡିଶା ଓ ଓଡିଶାର ସାଢ଼େ ୪କୋଟି ଲୋକଙ୍କ ବିକାଶ ପାଇଁ ବିଜେଡି କାର୍ଯ୍ୟରତ ରହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

ବିଜେଡିର ଏହି ଘୋଷଣାକୁ ବିଜେପି ସ୍ୱାଗତ କରିଛି । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ, "ଭୋଟଦାନରୁ ବିରତ ରହିବାକୁ ନିଷ୍ପତ୍ତି ନେଇ ନବୀନବାବୁ ପରୋକ୍ଷରେ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛନ୍ତି ।" ସେହିପରି ବିଜେପି ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି ଯେ, "ବିଜେଡିର ନିଷ୍ପତ୍ତିକୁ ଏନଡିଏ ପ୍ରାର୍ଥୀଙ୍କ ପାଇଁ ସୁବିଧାଦାୟକ ହୋଇଛି,ସେମାନେ ଆମର ପ୍ରାର୍ଥୀଙ୍କୁ ବିରୋଧ କରିନାହାନ୍ତି ।"

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ " ଭୋଟଦାନରୁ ବିରତ ରହିବା ଅର୍ଥ ବିଜେପିକୁ ସମର୍ଥନ କରିବା । ବିଜେଡି ପ୍ରକୃତରେ ବିଜେପିକୁ ବିରୋଧ କରୁଛନ୍ତି ବୋଲି ପ୍ରମାଣିତ କରିବାର ଏକ ସୁଯୋଗ ଏବେ ଥିଲା ।" ସେହିପରି ଭକ୍ତଙ୍କ ସହ ସ୍ୱର ମିଳାଇ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା କହିଛନ୍ତି ଯେ "ଇଡି, ସିବିଆଇ-ଆଇଟି ଭୟରେ ପରୋକ୍ଷରେ ସମର୍ଥନ କରୁଛନ୍ତି। ସମଦୂରତ୍ୱର କଥା କହୁଛନ୍ତି କିନ୍ତୁ ବିଚାରଧାରାକୁ ଦେଖିଲେ ଏନଡିଏ ପ୍ରାର୍ଥୀଠାରୁ ଇଣ୍ଡିମେଂଟ ପ୍ରାର୍ଥୀ ଭଲ । ଏନଡିଏ ପ୍ରାର୍ଥୀ ଆରଏସଏସ୍ ଚିନ୍ତାଧାରାର ଓ ଇଣ୍ଡିମେଂଟ ପ୍ରାର୍ଥୀ ସାମାଜିକ ଚିନ୍ତାଧାରାର ପ୍ରାର୍ଥୀ । ସମୟ ଅଛି । ଆଶା କରୁଛୁ ନବୀନବାବୁ ନିଷ୍ପତ୍ତି ବଦଳାଇବେ ।"

# ବାଣୀବିହାରରୁ ବିଦା ହେବେ ଅଣଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ପୁଲିସ୍ ମୁତୟନ

ଭୁବନେଶ୍ୱର: ଅଣଛାତ୍ର ମୁକ୍ତ ହେବ ଉତ୍କଳ ବିଶ୍ୱବିଦ୍ୟାଳୟ। ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ଚ ?ଉ ଆରମ୍ଭ କରିଛି କମିସନରେଟ୍ ପୁଲିସ୍। ବିଭିନ୍ନ ଛାତ୍ରାବାସର କୋଠରୀର ତାଲା ଭାଙ୍ଗି ତଲାସି ନେଉଛି ପୁଲିସ୍। ଦିନ ୧୦.୩୦ ପରଠାରୁ ବିଭିନ୍ନ ହଷ୍ଟେଲରେ ଛପା ମାରିଛି ପୁଲିସ। ୧, ୨, ୩ ଓ ୫ ନଂ ହଷ୍ଟେଲରୁ ବିଦା ହେବେ ଅଣଛାତ୍ର।



ପୁଲିସ ଅଧିକାରୀଙ୍କ ସହ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ମଧ୍ୟ ଏହି ଚଢ଼ଉରେ ସାମିଲ ରହିଛନ୍ତି। ଏହି କାରଣରୁ ଆଜି ଦିନ ୧.୩୦ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ କ୍ଲାସକୁ ରଦ୍ଦ କରିଛନ୍ତି ପିଜି କାଉନସିଲ। ଏକକାଳୀନ ଭାବେ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହି କାମରେ ନିୟୋଜିତ ହୋଇଛନ୍ତି ୫ ଏସିପି, ୪ ଜଣ ଆଇଆଇସି ଓ ୧୩ ଏଏସ୍‌ଆଇ। ଜୋନ ୫ ଏସିପି ବିଶ୍ୱରଂଜନ ସେନାପତି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରିବେ। ବରିଷ୍ଠ ପୁଲିସ ଅଧିକାରୀ ଅନୁପ କାନୁନଗୋ ସମ୍ପୂର୍ଣ୍ଣ ସୁରକ୍ଷା ଦୟିତ୍ୱକୁ ତୁଲାଉଥିବା ଜଣାଯାଇଛି।

ପୁଲିସ ଅଧିକାରୀଙ୍କ ସହ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ମଧ୍ୟ ଏହି ଚ ?ଉରେ ସାମିଲ ରହିଛନ୍ତି। ଏହି କାରଣରୁ ଆଜି ଦିନ ୧.୩୦ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ କ୍ଲାସକୁ ରଦ୍ଦ କରିଛନ୍ତି ପିଜି କାଉନସିଲ। ଏକକାଳୀନ ଭାବେ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହି କାମରେ ନିୟୋଜିତ ହୋଇଛନ୍ତି ୫ ଏସିପି, ୪ ଜଣ ଆଇଆଇସି ଓ ୧୩ ଏଏସ୍‌ଆଇ। ଜୋନ ୫ ଏସିପି ବିଶ୍ୱରଂଜନ ସେନାପତି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ କାର୍ଯ୍ୟ କରିବେ। ବରିଷ୍ଠ ପୁଲିସ ଅଧିକାରୀ ଅନୁପ କାନୁନଗୋ ସମ୍ପୂର୍ଣ୍ଣ ସୁରକ୍ଷା ଦୟିତ୍ୱକୁ ତୁଲାଉଥିବା ଜଣାଯାଇଛି।

## ନିୟନ୍ତ୍ରଣ ବାହାରେ ଜେନ୍ ଜେଡ୍ ବିଦ୍ରୋହୀ

### ମୃତ୍ୟୁସଂଖ୍ୟା ୧୬ ଛୁଇଁଲାଣି, ୧୦୦ ଆହତ

ନୂଆଦିଲ୍ଲୀ,୮।୯(ନି.ପ୍ର.): ନେପାଳରେ ଜେନ୍ ଜେଡ୍ ପିଢ଼ି (୧୯୯୬ ରୁ ୨୦୧୨ ବା ଟେକ୍ ?ନୋଲୋଜି ଯୁଗରେ ଜନ୍ମିତ ପିଲା)ଙ୍କ ବିଦ୍‌ରୋହ ବେଳକୁ ବେଳ ତୀବ୍ର ରୂପ ନେବାରେ ଲାଗିଛି। ଏହି ବିଦ୍‌ରୋହରେ ମୃତ୍ୟୁ ସଂଖ୍ୟା ୧୬ ଛୁଇଁବା ବେଳେ ୧୦୦ ଜଣ କ୍ଷତାକ୍ତ ହୋଇଥିବା ସୂଚନା ମିଳିଛି। ନେପାଳରେ ୨୬ଟି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନିଷିଦ୍ଧ କରିବା ବିରୋଧରେ ନେପାଳରେ ଏକ ବିଶାଳ ପ୍ରତିବାଦର ନେତୃତ୍ୱ ନେଉଛନ୍ତି ଜେନ୍ ଜେଡ୍ ପିଢ଼ି। ଅନଲାଇନରେ ଆରମ୍ଭ ହୋଇଥିବା ଏହି ବିଦ୍ରୋହ ସୋମବାର ରାସ୍ତା ଉପରକୁ ଆସିଛି। ପ୍ରଦର୍ଶନକାରୀମାନେ ସଂସଦ ନିକଟରେ ପୁଲିସ ସହିତ ସଂଘର୍ଷ କରିଥିଲେ। ସୁରକ୍ଷା ବାହିନୀ ଗୁଳି ଚଳାଇବାରୁ ଅତି କମରେ ଷୋହଳ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଛି ଏବଂ ୧୦୦ ରୁ ଅଧିକ ଆହତ ହୋଇଛନ୍ତି। 'ଜେନ ଜେଡ ବିପ୍ଳବ' ନାମରେ ପରିଚିତ କାଠମାଣ୍ଡୁରେ ହଜାର ହଜାର ଯୁବ ପ୍ରଦର୍ଶନକାରୀ ପ୍ରବେଶ କରିଥିଲେ। ଅନେକ ପୁଲିସ ବ୍ୟାରିକେଡ ଭାଙ୍ଗି ନିଷିଦ୍ଧ ଅଞ୍ଚଳଗୁଡ଼ିକୁ ପ୍ରବେଶ କରିଥିଲେ। ସଂଘର୍ଷ ବୃଦ୍ଧି ପାଇବା ପରେ ପ୍ରତିରୋଧ ଭାବରେ ପୁଲିସ ବିଭିନ୍ନ ସ୍ଥାନରେ ଗୁଳି ଚାଳନା କରିଥିଲା।

# ଅକ୍ଟୋବରରୁ ମାଓବାଦୀଙ୍କ ବିରୋଧରେ ବଡଧରଣର ଅଭିଯାନ!

ଭୁବନେଶ୍ୱର,୮।୯(ନି.ପ୍ର.): ରାଜ୍ୟ ସରକାରଗୁଡିକରଙ୍କ ସହଯୋଗରେ କେନ୍ଦ୍ର ସରକାର ୨୦୨୬ ଡିସେମ୍ବର ଶେଷ ସୁଦ୍ଧା ଦେଶରୁ ମାଓବାଦୀଗତିବିଧି ମୂଳୋତ୍ପାଟନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏଥି ପାଇଁ ମାଓ ଅଧ୍ୟୁଷିତ ରାଜ୍ୟ ତଥା ଓଡିଶା, ଛତିଶଗଡ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ସୀମା, ଛତିଶଗଡ, ମହାରାଷ୍ଟ୍ର ଓ ତେଲେଙ୍ଗାନା ସୀମା ବ୍ୟତୀତ, ଓଡିଶା, ଛତିଶଗଡ ଓ ଝାଡଖଣ୍ଡ ସୀମାରେ ସୁରକ୍ଷାବାହିନୀର ଯବାନମାନେ ମୁତୟନ ରହିବା ସହିତ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଦୁର୍ଗମ ଅଞ୍ଚଳରେ ମାଓବାଦୀମାନେ ଯଦିଓ ବିପୁଳ କ୍ଷୟକ୍ଷତି ଜାରି ରଖିଛନ୍ତି, ଆଗାମୀ ଦିନରେ ନିଜେ ନିପାତ ହୋଇଯିବାର ସମ୍ଭାବନା ଅଧିକ ଦେଖାଯାଉଛି। ଏହାର କାରଣ ହେଲା ମାଓ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ପୁଲିସ, ବିସଏସ୍‌ଏଫ୍, ସିଆରପିଏଫ୍ ଓ ଆଇଟିବିପିର ଯବାନମାନେ ମୁତୟନ ଅଛନ୍ତି। ସୁରକ୍ଷାକର୍ମୀମାନେ ଆସନ୍ତା ଅକ୍ଟୋବର ଠାରୁ ବଡଧରଣର ଅପରେସନରେ ବାହାରିବେ। ନୂତନ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଏହି ଅପରେସନ୍ ଆରମ୍ଭ କରିବେ, ଯେଉଁଥିରେ ମାଓବାଦୀମାନେ ବର୍ତ୍ତିବା କଠିନକର ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି।

ଗୁଇନ୍ଦା ସୂତ୍ର ଆଧାରରେ ପୁଲିସକୁ ସୂଚନା ମିଳିଛି ଯେ, ଛତିଶଗଡର ବସ୍ତର ଅଞ୍ଚଳରେ କେବଳ ୧୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଅଛନ୍ତି। ସରକାର ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରି ବିକାଶମୂଳକ ଯୋଜନାରେ ସାମିଲ ହେବା ପାଇଁ ପରାମର୍ଶ ଦେଇଛନ୍ତି। ଯଦି ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ନକରନ୍ତି, ତାହେଲେ ପରିସ୍ଥିତିର ମୁକାବିଲା ହେବେ। ବର୍ତ୍ତମାନ ଏହି ଅଭିଯାନ ନିର୍ଣ୍ଣାୟକ ସଂଘର୍ଷ, ମର କିମ୍ବା ଆତ୍ମସମର୍ପଣ ଅଧୀନରେ ପରିଚାଳିତ ହେବ ବୋଲି ଆଶା କରାଯାଉଛି।



ନିକଟରେ ଛତିଶଗଡର ରାଜଧାନୀ ରାୟପୁରରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକର ଶୀର୍ଷସ୍ତରରର ପୁଲିସ ଅଧିକାରୀମାନଙ୍କୁ ନେଇ ଏକ ରଣନୈତିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବେ ?ଠକରେ ଲକ୍ଷ୍ୟ ହାସଲର ଠୋସ୍ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିବା ସୂଚନା ସାମ୍ନାକୁ ଆସିଛି। ବୈଠକରେ ସିଆରପିଏଫ୍ ?, ବିଏସ୍ ?ଏଫ୍ ? ଏବଂ ଆଇଟିବିପିର ବରିଷ୍ଠ ଅଧିକାରୀମାନଙ୍କ ସହିତ ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ତେଲେଙ୍ଗାନାର ଉଚ୍ଚ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନା ବ୍ୟବସ୍ଥା ଏବଂ ସମନ୍ୱୟକୁ ପ୍ରଭାବଶାଳୀ କରାଯିବ, ଯାହା ଦ୍ୱାରା ମାଓବାଦୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇପାରିବ। ଛତିଶଗଡ଼ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଦେବ ଗୌତମ କହିଛନ୍ତି ଯେ, ମାଓବାଦୀଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନର ସମୀକ୍ଷା କରାଯାଇଥିଲା।

ଗତ ସପ୍ତାହରେ ଦିଲ୍ଲୀରେ ଏକ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଥିଲେ ଯେ ସମସ୍ତ ମାଓବାଦୀ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ବିଶ୍ରାମ ନେବେ ନାହିଁ। ଯେଉଁମାନେ ଆତ୍ମସମର୍ପଣ କରିବେ ନାହିଁ ସେମାନଙ୍କୁ ଗିରଫ କରାଯିବ କିମ୍ବା ନିପାତ କରାଯିବ। ଏହା ପୂର୍ବରୁ ମଧ୍ୟ ଅମିତ ଶାହ କହିଛନ୍ତି ଯେ, ୨୦୨୬ ସୁଦ୍ଧା ଦେଶକୁ ମାଓମୁକ୍ତ କରାଯିବାର ଲକ୍ଷ୍ୟ ରହିଛି।

ମାଓ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷାବାହିନୀ କମ୍ବିଂ ଅପରେସନ ଜାରି ରଖିଚି। ଗୁପ୍ତଚର ରିପୋର୍ଟରୁ ଜଣାଯାଇଛି ଯେ, ମାଓ ସଂଗଠନରେ ନୂତନ ନିଯୁକ୍ତି ବନ୍ଦ ହୋଇଯାଇଛି। ସଶସ୍ତ୍ର ମାଓବାଦୀଙ୍କୁ ମୁଖ୍ୟସ୍‌ରୋତରେ ସାମିଲ କରିବା ପାଇଁ ଗ୍ରାମ୍ୟସ୍ତରରେ ମଧ୍ୟ ସ୍ୱତନ୍ତ୍ର ଅଭିଯାନ ଚଳାଯିବ। ଛତିଶଗଡରେ କ୍ଷମତା ପରିବର୍ତ୍ତନ ପରେ ୨୦୨୩ ଡିସେମ୍ବର ପରଠାରୁ ସୁରକ୍ଷା ବାହିନୀ ଦ୍ୱାରା ୪୫୩ ଜଣ ମାଓବାଦୀ ନିହତ ହୋଇଛନ୍ତି। ୨୦୨୪ ଓ ୨୦୨୫ରେ ଛତିଶଗଡରେ କେବଳ ପ୍ରାୟ ୧୦୦୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ୪୦୦ରୁ ଊର୍ଦ୍ଧ୍ୱ ଓ ତେଲେଙ୍ଗାନାରେ ପ୍ରାୟ ୫୦୦ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେହିପରି ଓଡିଶାରେ ୩୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଅନ୍ୟପଟରେ ଝାଡଖଣ୍ଡରେ ମାଓବାଦୀମାନେ ସକ୍ରିୟ ଥିଲେ ମଧ୍ୟ ସୁରକ୍ଷା ବାହିନୀର ଗୁଳିମାଡର ଶିକାର ହେଉଛନ୍ତି। ମହାରାଷ୍ଟ୍ରରେ ମାଓାବାଦୀଙ୍କ ଦୁର୍ଗ ଏକ ପ୍ରକାର ଭୁଶୁଡି ଯାଇଛି।

ମୃଣ୍ମୟ

ମଙ୍ଗଳବାର ୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
TESDAY 9 SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଜିଏସଟିରେ ପ୍ରସ୍ତାବିତ ସଂସ୍କାର

ଦ୍ରବ୍ୟ ଓ ସେବା କର (ଜିଏସଟି) ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ହେଉଛି ସାହସିକ ଏବଂ ସମୟୋପଯୋଗୀ ବୋଲି କୁହାଯାଇପାରିବ। ୭୯ତମ ସ୍ୱାଧୀନତା ଦିବସ ଉତ୍ସବରେ ଲାଲକିଲ୍ଲାରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଜିଏସଟି ସ୍ଲାବରେ ଆସନ୍ତା ଦୀପାବଳୀ ପୂର୍ବରୁ ହ୍ରାସ ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଏଣିକି ଜିଏସଟି ୪ଟି ନୁହେଁ, ୨ଟି ସ୍ଲାବ ବିଶିଷ୍ଟ ହେବା ନେଇ ଅର୍ଥମନ୍ତ୍ରାଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶରେ ଚାରୋଟି ତଥା ୫%, ୧୨% ଏବଂ ୨୮% ଆକାରରେ ଜିଏସଟି ସ୍ଲାବ ରହିଛି। ଏହାକୁ କେବଳ ୫% ଏବଂ ୧୮ ପ୍ରତିଶତ ସ୍ଲାବରେ ସୀମିତ ରଖାଯିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଉଭୟ ମଧ୍ୟବିତ ଏବଂ ବ୍ୟବସାୟୀ ସମୁଦାୟ ଲାଭବାନ ହେବା ନେଇ ମନ୍ତ୍ରଣାଳୟ ଦାବି କରିଛି। କୁହାଯାଇଛି ଯେ, ୯୯ପ୍ରତିଶତ ସାମଗ୍ରୀର ସ୍ଲାବ ବା ଟିକସ ହାର ୧୨ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବ। ସେହିପରି ୯୦ ପ୍ରତିଶତର ଟିକସ ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବ। ଯାହାକି ଖାଉଟିଙ୍କ ଉପରୁ ଟିକସର ବୋଝ ହ୍ରାସ କରିବ। କେବଳ ଏତିକି ନୁହେଁ, ସ୍ଲାବର ନମ୍ବର ହାର ଅନୁପାତରେ ଏବଂ ବିଭିନ୍ନ ସାମଗ୍ରୀର ଟିକସହାର ହ୍ରାସ ଉଭୟ ଅସ୍ୱଷ୍ଟତା ବା ଦ୍ୱୈର୍ଥତା ଏବଂ ମାମଲା ହ୍ରାସ କରିବା ନେଇ ଆଶା କରାଯାଏ। ଯାହା ଏବେ ଚଳିତ ଜିଏସଟି ଢାଂଚା ସହ ବ୍ୟବସାୟ କ୍ଷେତ୍ରରେ ସବୁଠୁ ବଡ ସମସ୍ୟା ଭାବେ ଉଭା ହୋଇଛି। ସେହିପରି ରିଟର୍ଣ୍ଣ ଫାଇଲିଂ, ପ୍ରାପ୍ୟ ଫେରସ୍ତ, ପଂଜୀକରଣ କ୍ଷେତ୍ରରେ ଜିଏସଟିରେ ସଂସ୍କାର ଏବଂ ଟିକସ ହାର ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଆହୁରି ମଧ୍ୟ ଜିଏସଟିର ସରଳୀକରଣ କେବଳ ସାମଗ୍ରୀର ମୂଲ୍ୟ ହ୍ରାସ କରିବ ନାହିଁ, କରଦାତାମାନଙ୍କ ପାଇଁ ମଧ୍ୟ ଟିକସ ପଇଠରେ ସହଜସାଧ ହେବ। ସହଜଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣସ ଏବଂ ଫେରସ୍ତକୁ ତ୍ୱରାନ୍ୱିତ କରିବା ନିଶ୍ଚିତ ଭାବେ କେନ୍ଦ୍ର ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବେ ବିବେଚିତ ହେବ। ଉଲ୍ଲେଖଯୋଗ୍ୟ ଯେ, ଆୟକର କ୍ଷେତ୍ରରେ ବ୍ୟାପକ ସରଳୀକରଣ ପାଇଁ ନିକଟରେ କେନ୍ଦ୍ର ସରକାର ପାର୍ଲିଆମେଂଟରେ ସଂଶୋଧିତ ଆୟକର ବିଲ୍ ଆଗତ କରିଛନ୍ତି। ଜିଏସଟିରେ ସଂସ୍କାର ଏବଂ ଆୟକରରେ ସଂଶୋଧନ ୨୦୨୫ ଟିକସ ସଂସ୍କାରର ବର୍ଷ ଭାବେ ବିବେଚିତ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ମନେ କରେ। ଏହା ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ଖାଉଟି ଓ ବ୍ୟବସାୟୀଙ୍କ ପାଇଁ ଲାଭଦାୟକ ହେବ। ଏହା ନିସନ୍ଦେହ ଯେ, ଜିଏସଟି ଟିକସ ହାର ହ୍ରାସ ଦେଶର ରାଜସ୍ୱ ଆୟ ହ୍ରାସ କରିବ। କିନ୍ତୁ ଦର ବା ମୂଲ୍ୟ ହ୍ରାସ ଯୋଗୁଁ ଖାଉଟିଙ୍କ ଚାହିଦା ବୃଦ୍ଧି ପାଇବ, ଯାହାକି ଦେଶର ଅର୍ଥନୀତି ପାଇଁ ସହାୟକ ହେବା ନେଇ କେନ୍ଦ୍ର ସରକାର ଦୃଢ ନିଶ୍ଚିତ ଥିବାନେଇ ମନେହୁଏ। ସେହିପରି ଜିଏସଟି ଢାଂଚା ତଥା ଟିକସ ହ୍ରାସ, ସହଜସାଧ ପଂଜୀକରଣ, ସରଳୀକୃତ ରିଟର୍ଣ୍ଣ ଫାଇଲଂ ଏବଂ ଫେରସ୍ତ ବ୍ୟବସ୍ଥା ଯୋଗୁଁ ଟିକସ ଫାଙ୍କି ଓ ଦୁର୍ନୀତି ଲୋପ ପାଇବା ନେଇ ସରକାର ଆଶାବାଦୀ। ଉଲ୍ଲେଖଯୋଗୁଁ ୨୦୧୭ ମସିହାରେ ଦେଶରେ ଯେତେବେଳେ ଜିଏସଟି ବ୍ୟବସ୍ଥା ଲାଗୁ କରାଯାଇଥିଲା, ସେତେବେଳେ ସରକାର ଦରଦାମ କମିବା ନେଇ ଆଶ୍ୱାସନା ଦେଇଥିଲେ। ମାତ୍ର ବାସ୍ତବ କ୍ଷେତ୍ରରେ ଜିଏସଟି ଲାଗୁ ପରେ ବିଭିନ୍ନ ସାମଗ୍ରୀର ଦରଦାମ ଆଶାତୀତ ଭାବେ ବୃଦ୍ଧି ପାଇଥିଲା ସେହିପରି ଅତ୍ୟାବଶ୍ୟକୀୟ ଖାଦ୍ୟସାମଗ୍ରୀ ଜିଏସଟି ମୁକ୍ତ ହେବା ନେଇ ସରକାର ଉଭୟ ପାର୍ଲିଆମେଂଟ ଭିତରେ ଓ ବାହାରେ ବାରମ୍ବାର ଘୋଷଣା କରିଥିବା ସତ୍ୱେ ମୂଲ୍ୟ ବୃଦ୍ଧି ଘଟିଲା। ଏପରିକି ସରକାର ଗରିବଙ୍କ ସକାଳର ଜଳଖିଆ ଭାବେ ପରିଚିତ ମୁଢି, ଚୂଡାକୁ ଜିଏସଟି ପରିସରଭୁକ୍ତ କରିଥିଲେ। ସେହିପରି କୌଣସି ପୂଜା ସାମଗ୍ରୀ ମଧ୍ୟ ଜିଏସଟିରୁ ବାଦ୍ ପଡିନଥିଲା। ରାଜସ୍ୱ ସଂଗ୍ରହ ସରକାରଙ୍କର ଜିଏସଟି ଲାଗୁର ମୁଖ୍ୟ ଲକ୍ଷ ଥିଲା। ଦରଦାମ ବୃଦ୍ଧି କ୍ରମଶଃ ଜନସାଧାରଣଙ୍କ ଦେହସୁହା ହୋଇଥିବାବେଳେ ଖାଉଟିଙ୍କ ଚାହିଦା ହ୍ରାସ ଏବଂ ମଧ୍ୟବିତଙ୍କ ସଂଚୟ ହ୍ରାସ ମୁଣ୍ଡବ୍ୟଥାର କାରଣ ଭାବେ ଉଭା ହୋଇଥିଲା। ବିଭିନ୍ନ ସାମଗ୍ରୀ ଉପରୁ ଟିକସ ହ୍ରାସ ନିଶ୍ଚିତ ଭାବେ ଖାଉଟିଙ୍କ ବ୍ୟୟ ଚାହିଦାକୁ ବୃଦ୍ଧି କରିବ। କିନ୍ତୁ ରାଜସ୍ୱ ଆୟ ହ୍ରାସ ପାଇବ। ରିଜର୍ଭ ବ୍ୟାଙ୍କର ଆକଳନ ଅନୁଯାୟୀ ଏବେ ଦେଶରେ ଜିଏସଟିର ହାରାହାରି ଟିକସ ହାର ୧୧.୬ ପ୍ରତିଶତ ଥିବାବେଳେ ସ୍ଲାବ ହ୍ରାସ ଯୋଗୁଁ ଅର୍ଥନୀତି ଆଘାତ ପ୍ରାପ୍ତ ହେବ। ଅନ୍ୟପକ୍ଷରେ କେନ୍ଦ୍ରୀୟ ଟିକସ ଅଂଶ ବୃଦ୍ଧି ପାଇଁ ଷୋଡଶ ଅର୍ଥକମିଶନଙ୍କ ନିକଟରେ ରାଜ୍ୟଗୁଡିକର ଦାବି ମଧ୍ୟ ବୃଦ୍ଧି ପାଇଛି। କେନ୍ଦ୍ର ସରକାର ଏହାର କିପରି ସମାଧାନ କରିବେ ଭବିଷ୍ୟତ କହିବ। ଆହୁରି ମଧ୍ୟ ପେଟ୍ରୋଲିୟମ ଜାତ ସାମଗ୍ରୀ ତଥା ପେଟ୍ରୋଲ, ଡିଜେଲ ଖୁବ ଶୀଘ୍ର ଜିଏସଟି ପରିସରଭୁକ୍ତ ହେବା ସମ୍ଭାବନା ଥିବାରୁ ରାଜ୍ୟଗୁଡିକ ବିଶେଷ ଆର୍ଥୀକ କ୍ଷତିର ସମ୍ମୁଖୀନ ହେବା ସମ୍ଭାବନା ଅଧିକ ରହିଛି। କାରଣ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, କିରୋସିନୀରୁ ରାଜ୍ୟଗୁଡିକ ସର୍ବାଧିକ ରାଜସ୍ୱ ଆୟ କରିଥାନ୍ତି। ଏହାକୁ ରାଜ୍ୟଗୁଡିକ ସିଧାସଳଖ ମଧ୍ୟ ବିରୋଧ କରିପାରିବେ ନାହିଁ। ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, କିରୋସିନୀ ଜିଏସଟିଭୁକ୍ତ ହେଲେ, ମୂଲ୍ୟ କମିବା ସହ ଖାଉଟି ସର୍ବାଧିକ ଲାଭବାନ ହେବେ। ତେଣୁ ରାଜ୍ୟଗୁଡିକ ପୁଣି ଥରେ କେନ୍ଦ୍ର ନିକଟରୁ ଅଧିକ କ୍ଷତିପୂରଣ ଦାବି କରିପାରନ୍ତି। ତେବେ ଏହାର ସମାଧାନ କେନ୍ଦ୍ର ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ, ଏଥିରେ ସନ୍ଦେହ ନାହିଁ।

# 'କଥା କମ, କାମ ବେଶି'
## ସଫଳତାର ସବୁଠାରୁ ଶକ୍ତିଶାଳୀ ମୂଳମନ୍ତ୍ର

**ପ୍ରକାଶ ଚନ୍ଦ୍ର ମହାନ୍ତି**

'କଥା କମ, କାମ ବେଶି' – ଏହି ସରଳ, ସହଜ ଏବଂ ଗଭୀର ଅର୍ଥପୂର୍ଣ୍ଣ ମନ୍ତ୍ରଟି ଆଜିକାଲିର ବ୍ୟସ୍ତ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଉଠିଛି । ଏହା କେବଳ ଏକ ଉକ୍ତି ନହୋଇ ବରଂ ଜୀବନଯାପନ, କାର୍ଯ୍ୟ ସଂସ୍କୃତି ଏବଂ ବ୍ୟକ୍ତିଗତ ଉନ୍ନତିର ଏକ ଦର୍ଶନ । ଯେଉଁଠାରେ ବାକପଟୁତା ଏବଂ ଦେଖାବାଡିର ପ୍ରଭାବ ବଢ଼ିଚାଲିଛି, ସେଠାରେ ଏହି ମନ୍ତ୍ର ଆମକୁ ମୂଳଭୂତ ମୂଲ୍ୟବୋଧଗୁଡିକ କଡେଇ ଆଣିବାରେ ସାହାଯ୍ୟ କରେ କର୍ମ, ଅନୁଶାସନ ଏବଂ ବିନୟ ମାଧ୍ୟମରେ ।

ଆମ ଓଡ଼ିଆ ସଂସ୍କୃତି ଓ ସମାଜ, ପାରମ୍ପରିକ ଭାବରେ କର୍ମକୁ ଗୁରୁତ୍ୱ ଦେଇ ଆସିଛି । ଆମର ଶାସ୍ତ୍ରଗ୍ରନ୍ଥଗୁଡିକରେ 'କର୍ମଣ୍ୟେବାଧିକାରସ୍ତେ' ଅର୍ଥାତ୍ କେବଳ କର୍ମ କରିବାରେ ଆମର ଅଧିକାର ରହିଛି, ଫଳ ପାଇବାରେ ନୁହେଁ, ଏହି ବାଣୀ ରହିଛି । ଆମ ଲୋକକଥାରେ ମଧ୍ୟ 'କଥାରେ କି କାମ ଚଳେ, କାମରେ କଥା ଚଳେ' ବୋଲି କୁହାଯାଏ । କିନ୍ତୁ ଆଧୁନିକ ଯୁଗରେ ସୋଶିଆଲ ମିଡିଆ ଏବଂ ଅତ୍ୟଧିକ ମାନସିକ ଚାପ ଯୋଗୁ ଲୋକେ ସଫଳତାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି ଏବଂ ସଫଳତା ହାସଲ କରିବାର ମାର୍ଗ ଉପରେ କମ୍ ଧ୍ୟାନ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ 'କଥା କମ୍ କାମ ବେଶି' ଏକ ଶକ୍ତିଶାଳୀ ପ୍ରତିକ୍ରିୟା ଅଟେ ଯାହା ଆମକୁ ମୂଳଭୂତ ଚିନ୍ତକୁ ଫେରିବାରେ ସାହାଯ୍ୟ କରେ ।

ମନୋବିଜ୍ଞାନ କହେ ଯେ ଯେତେବେଳେ ଆମେ କୌଣସି ଲକ୍ଷ୍ୟ ବିଷୟରେ ଅନ୍ୟମାନଙ୍କୁ କହିଦେଇ, ସେମାନଙ୍କଠାରୁ ମାନ୍ୟତା ବା ପ୍ରଶଂସା ପାଉଥାଉ ତାହା ଆମ ମସ୍ତିଷ୍କକୁ ଏକ ଛଦ୍ମ ସନ୍ତୁଷ୍ଟି ପ୍ରଦାନ କରେ । ଏହି ସନ୍ତୁଷ୍ଟି ଆମର ପ୍ରେରଣାକୁ ହ୍ରାସ କରିଥାଏ ଏବଂ ଲକ୍ଷ୍ୟ ପ୍ରା ପ୍ତି ପାଇଁ ଆବଶ୍ୟକ କଠିନ ପରିଶ୍ରମ କରିବାର ସ ମ୍ଭାବନା କମିଯାଏ । ଅର୍ଥାତ୍ ଆମର ମାନସିକ ଶକ୍ତିକୁ ନିଷ୍କ୍ରିୟ କରିଦେଇଥାଏ । ଏହାର ବିପରୀତ, ଯେଉଁମାନେ ଚୁପ୍‌ଚାପ କାମ କରନ୍ତି ସେମାନେ ନିଜର ସମସ୍ତ ଶକ୍ତି ଓ ଫୋକସ୍ ସିଧାସଳଖ କାର୍ଯ୍ୟ ଉପରେ କେନ୍ଦ୍ରିତ କରିପାରନ୍ତି, ଯାହାଫଳରେ ସଫଳତା ପାଇବାର ସ ମ୍ଭାବନା ବହୁଗୁଣିତ ହୋଇଥାଏ ।

ବ୍ୟକ୍ତିଗତ ଜୀବନ ହେଉ କି ବୃତ୍ତିଗତ ଜୀବନ, ବିଶ୍ୱାସ ହେଉଛି ସମ୍ପର୍କର ମୂଳଦୁଆ । ଯେବେ ଆପଣ କମ୍ କଥା କହି ଅଧିକ କାମ କରନ୍ତି ତାହା ଆପଣଙ୍କ ଚାରିପାଖର ଲୋକଙ୍କ ମଧ୍ୟରେ ଆପଣଙ୍କ ପ୍ରତି ଏକ ଦୃଢ଼ ବିଶ୍ୱାସ ସୃଷ୍ଟି କରେ । ସେମାନେ ଜାଣନ୍ତି ଯେ ଆପଣ ଯାହା କହିବେ, ତାହା ପୂରଣ କରିବେ । ଏହି ବିଶ୍ୱସନୀୟତା ଆପଣଙ୍କୁ ଏକ ଭରସାଯୋଗୀ ସାଥୀ, ଏକ ମୂଲ୍ୟବାନ କର୍ମଚାରୀ ଏବଂ ଏକ ସଫଳ ନେତା ଭାବରେ ଗଢ଼ି ତୋଳେ । କେବଳ ଲେଖାରେ ନୁହେଁ ଏକ ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁଠାରେ ଆପଣଙ୍କର 'ବ୍ରାଣ୍ଡ ଭାଲ୍ୟୁ' ଗୁରୁତ୍ୱପୂର୍ଣ୍ଣ ସେଠାରେ ଆପଣଙ୍କର କାର୍ଯ୍ୟ ଓ ବ୍ୟବହାରର ଧାରାବାହିକତା ହେଉଛି ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡିଂ ଉପକରଣ । ଅତ୍ୟଧିକ କଥାବାର୍ତ୍ତା ଓ ଗପସପ ହେଉଛି ସମୟର ସର୍ବପ୍ରଥମ ଶତ୍ରୁ । ଏହା ଆମର ମୂଲ୍ୟବାନ ସମୟକୁ ନଷ୍ଟ କରିଥାଏ ଏବଂ ଆମକୁ ମୁଖ୍ୟ କାର୍ଯ୍ୟରୁ ବିଚଳିତ କରିଥାଏ । 'କଥା କମ୍, କାମ ବେଶି' ନୀତି ଅନୁସରଣ କଲେ ଆପଣ ଦେଖିବେ ଯେ ଆପଣଙ୍କର ଏକ ଦିନରେ କାମ କରିବା ପାଇଁ ଅଧିକ ସମୟ ରହିଛି । ଏହି ଅଭ୍ୟାସ ଆପଣଙ୍କୁ ଅଧିକ ଉତ୍ପାଦନଶୀଳ (ଚକ୍ସକ୍ଟ-ଯଙ୍କମଗ୍ପସଙ୍ଗର) ଏବଂ କାର୍ଯ୍ୟକ୍ଷମ (ଋଲଲସମସରଭଗ୍ପ) କରିଥାଏ । ଯେଉଁମାନେ ନିଜ କାର୍ଯ୍ୟ ଉପରେ ଧ୍ୟାନ ଦେଇ କାମ କରନ୍ତି, ସେମାନେ ଅନ୍ୟମାନଙ୍କ ତୁଳନାରେ ଅଧିକ କାର୍ଯ୍ୟ କମ୍ ସମୟରେ ସମ୍ପୂର୍ଣ୍ଣ କରିପାରନ୍ତି ।

ଚୁପ ଚାପ୍ କାମ କରିବା ପାଇଁ ଏଭ ଗଭୀର ଆତ୍ମ-ଅନୁଶାସନ ଆବଶ୍ୟକ । ଏହା ଆମକୁ ଶିଖାଏ ଯେ ତୁରନ୍ତ ପ୍ରଶଂସା ଓ ମାନ୍ୟତା ପାଇବାର ଇଚ୍ଛାକୁ ନିୟନ୍ତ୍ରଣ କରି, ଦୀର୍ଘସ୍ଥାୟୀ ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଉଚିତ । ଏହି ଅଭ୍ୟାସ ଆମର ମାନସିକ ଶକ୍ତି ଓ ଧୈର୍ଯ୍ୟକୁ ବୃଦ୍ଧି କରେ, ଯାହା ଜୀବନର ପ୍ରତ୍ୟେକ ଚାଲେଞ୍ଜର ସାମନା କରିବାରେ ଆମକୁ ସହାୟକ ହୋଇଥାଏ । ଏହାକୁ ନିଜ ଜୀବନରେ ପ୍ରୟୋଗ କରିବାର ମାଧ୍ୟମ ହେଲା ପ୍ରଥମେ କର, ତାପରେ କହ (ଇମଗ୍ପ, ଙ୍ଖଷରଭ ବଭ- ଭକ୍ଟଙ୍କଭମର) ନିଜର ଲକ୍ଷ୍ୟଗୁଡିକୁ ଗୋପନୀୟ ରଖନ୍ତୁ । ଯେତେବେଳେ ଆପଣ ଏକ ଲକ୍ଷ୍ୟ ହାସଲ କରିବେ, ସେହି ସଫଳତା ନିଜେ ନିଜେ ଆପଣଙ୍କ ପାଇଁ କଥା କହିବ । ଏହାର ଅର୍ଥ ଏହା ନୁହେଁ ଯେ ଆପଣଙ୍କୁ ସମ୍ପୂର୍ଣ୍ଣ ମୌନବ୍ରତ ଧାରଣ କରିବାକୁ ପଡିବ । ଏହାର ଅର୍ଥ ହେଉଛି ଆପଣଙ୍କର କଥୋପକଥନ ଉଦ୍ଦେଶ୍ୟପୂର୍ଣ୍ଣ ଓ ଫଳାଫଳମୂଳକ ହେବା ଆବଶ୍ୟକ । ଅନାବଶ୍ୟକ ଗପସପ ଏବଂ ନକରାଯାଇଥିବା କାମର ବୟାନରୁ ଦୂରରେ ରୁହନ୍ତୁ ।ପ୍ରତିଦିନ ସକାଳେ ଉଠି ନିଷ୍ପତ୍ତି ନିଅନ୍ତୁ ଯେ ଆଜି କେଉଁ ପାଞ୍ଚଟି (କିମ୍ବା ତାଠାରୁକମ୍) ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ । ଏହି ସୂଚୀକୁ ଆପଣଙ୍କର 'ପବିତ୍ର ଗ୍ରନ୍ଥ' ଭାବରେ ଗ୍ରହଣ କରନ୍ତୁ ଏବଂ ଏହା ପୂରଣ ନହୋଇଥିବା ପର୍ଯ୍ୟନ୍ତ ଶାନ୍ତିରେ ନବସନ୍ତୁ । ଡିଜିଟାଲ ବିଚଳନକୁ ସୀମିତ କରନ୍ତୁ (ଖସଙ୍କସଗ୍ପ ଉସଶସଗ୍ପବକ୍ଷ ଉସଗ୍ୱଗ୍ପକ୍ସବମଗ୍ପସକ୍ଟଭଗ୍ପ) ସୋଶିଆଲ୍ ମିଡିଆରେ ଅତ୍ୟଧିକ ସମୟ ବିତାଇବା ହେଉଛି 'ଅଧିକ ବାତ'ର ଏକ ଆଧୁନିକ ରୂପ । ଦିନରେ କିଛି ସମୟ ନିର୍ଦ୍ଧାରିତ କରି ସେଥିରେ ସୀମିତ ରୁହନ୍ତୁ । ଫଳାଫଳ ଉପରେ ଧ୍ୟାନ ଦିଅନ୍ତୁ (ଋକ୍ଟମଙ୍କଗ୍ପ କ୍ଟଭ ଜରଗ୍ପଙ୍କକ୍ଷଗ୍ପଗ୍ପ) ନିଜକୁ ନିୟମିତ ଭାବରେ ପ୍ରଶ୍ନ କରନ୍ତୁ ଆଜି ମୁଁ କି ଅସଲ କାମ କଲି ? କେବଳ ବ୍ୟସ୍ତ ରହିବା ଜରୁରୀ ନୁହେଁ, ଉତ୍ପାଦନଶୀଳ ହୋଇଥିବା ଜରୁରୀ । ଶେଷରେ 'କଥା କମ୍, କାମ ବେଶି' ହେଉଛି ଏକ ଶକ୍ତିଶାଳୀ ଜୀବନଦର୍ଶନ ଯାହା ଆମକୁ ଦେଖାବାଡିର ସଂସ୍କୃତିଠାରୁ ଦୂରେଇ ନେଇ କାର୍ଯ୍ୟ ଓ ଉତ୍କର୍ଷର ସଂସ୍କୃତି ଆଡ଼କୁ ଅଗ୍ରସର କରେ । ଏହା ଆମକୁ ଶିଖାଏ ଯେ ପ୍ରକୃତ ସନ୍ତୁଷ୍ଟି ଓ ସଫଳତା ବାହ୍ୟ ମାନ୍ୟତାରେ ନଥାଏ, ବରଂ ଏହା ଜାଣିବାରେ ଥାଏ ଯେ ଆପଣ ନିଜର ସର୍ବୋତ୍ତମ ଚେଷ୍ଟା ପ୍ରଦାନ କରିଛନ୍ତି । ତେଣୁ ପରବର୍ତ୍ତୀ ଥର ଯେତେବେଳେ ଆପଣ କିଛି ବଡ଼ କାର୍ଯ୍ୟ କରିବାକୁ ଚାହିଁବେ, ଏହାକୁ ସମସ୍ତଙ୍କୁ କହିବା ପରିବର୍ତ୍ତେ ଏହାକରିବା ପାଇଁ ଲାଗି ପଡନ୍ତୁ । କାରଣ ଆପଣଙ୍କର କାର୍ଯ୍ୟ ହିଁ ଆପଣଙ୍କ ପାଇଁ ସବୁଠୁ ଜୋରରେ କଥା କହିଥାଏ । ଏହା ହିଁ ହେଉଛି ସତ୍ୟିକ ସଫଳତାର ଏକମାତ୍ର ରାସ୍ତା ।

ଉପସଭାପତି, ଏସ୍.ଟି.ଏଫ.ଆଇ

# 'ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ'

**ସୌର ଚନ୍ଦ୍ର ମହାପାତ୍ର**

ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଗ୍ରନ୍ଥ। ଏହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରି ପାରିଛି। ଓଡ଼ିଆ ଜାତି ପ୍ରାଣରେ ସ୍ପନ୍ଦନ ଜଗାଇ ପାରିଛି। ଓଡ଼ିଶା ବାହାରେ ଥିବା ଓଡ଼ିଆ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ମୋହ ସୃଷ୍ଟି କରିପାରିଛି। ସେଥିପାଇଁ ଜନସମାଜରେ ଭାଗବତରେ ଜନପ୍ରିୟତା ସମ୍ବନ୍ଧରେ ବିଶିଷ୍ଟ ପ୍ରାବନ୍ଧିକ ଜଗବନ୍ଧୁ ସିଂହ ତାହାଙ୍କର ପ୍ରାଚୀନ ଉତ୍କଳ ପୁସ୍ତକରେ ଲେଖିଛନ୍ତି :- ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରାଧାନ୍ୟ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାହାର ବିଦ୍ୟା ଶେଷ ହେଉଥିଲା।

ଲୋକର ଆସନ୍ନ ମୃତ୍ୟୁବେଳେ ତାହାର ପୁତ୍ର-ପୌତ୍ରାଦି ଆତ୍ମୀୟ ସ୍ୱଜନ ତାହା କାନରେ ଅଧ୍ୟାୟେ ଭାଗବତ ଶୁଣାଉଥିଲେ। ଗ୍ରାମରେ ବିସୂଚିକା, ମହାମାରୀ, ପ୍ରଭୃତି ଉପଦ୍ରବ ହେଲେ ଭାଗବତ ପାଠ, ହରିହାଟ, ସପ୍ତାଙ୍ଗ ଭାଗବତ ପ୍ରଭୃତି ହେଉଥିଲା। ଭାଗବତ ପାଠ କଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା।

ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣେ। କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରେ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟକତା ଦରକାର ପଡ଼େ। ଉଲ୍ଲେଖଯୋଗ୍ୟ ଯେ ଭଗବାନଙ୍କୁ ଜାଣିବା ପାଇଁ ଏମାନେ (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ସିଧାସଳଖ କିଛି ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। ଭଗବାନଙ୍କୁ ଜାଣିବା ପାଇଁ ଯେଉଁ ପ୍ରକ୍ରିୟାଟି ଆବଶ୍ୟକ ତାହାକୁ କହନ୍ତି ସ୍ୱାନୁଭବ ବା ସ୍ୱାନୁଭବ ନିମନ୍ତେ ଭକ୍ତି ଆବଶ୍ୟକ।

ଠିକ ଏତିକିବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ୍ୟ ଧର୍ମକୁ ଭାଗବତ ଧର୍ମ କୁହାଯାଏ।

ଶ୍ରୀମଦ୍ ଭାଗବତରେ ଅଣାକାର ପୁଣି ସାକାର ଏବଂ ଦିବ୍ୟ ଅଦିବ୍ୟର ପ୍ରତିମୂର୍ତ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ତାଙ୍କ ଲୋମ କୂପରେ କୋଟି କୋଟି ବ୍ରହ୍ମାଣ୍ଡ ଝୁଲୁଥିବାର ଭକ୍ତକବି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି – 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମ କୂପେ ଦୋହଲାଇ।' ସ୍ୱୟଂ ଭକ୍ତକବି ଭାଗବତର ଭଗବାନ ଏକ ସର୍ବବ୍ୟାପକ ଶକ୍ତି, ସେ ସକଳ ଘଟରେ ବିଦ୍ୟମାନ। 'ସକାଳ ଘଟେ ନାରାୟଣ, ବସଇ ଅନାଦି କାରଣ।' ଗୀତାର 'ଅହମାତ୍ମା ଗୁଡ଼ାକେଶ ସର୍ବଭୂତଶୟସ୍ଥିତ' ପରି ଭକ୍ତକବି ଜଗନ୍ନାଥଙ୍କ ଭଗବାନ ସକଳ ପ୍ରାଣୀଙ୍କର ମଙ୍ଗଳକାରକ, ସକଳ ଘଟର କ୍ରିୟାଶକ୍ତି।

ପ୍ରଥମରୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ସମଗ୍ର ଭାଗବତଟି ନୀତିଶିକ୍ଷା, ସଂସାରିକ ଜୀବନ ଯାପନ କରିବା ପାଇଁ ମାର୍ଗ ନିର୍ଦ୍ଦେଶନ ଏବଂ ଭକ୍ତି ଭାବନାରେ ପରିପୂର୍ଣ୍ଣ। ତହିଁରୁ କେତୋଟି ପଂକ୍ତି ଉଲ୍ଲେଖ କଲେ ଏହା



ପରିଷ୍କାର ରୂପେ ବୁଝାପଡ଼ିବ – 'ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର। ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେପରି ମିଳଇ। ଦଣ୍ଡିବା ଶକ୍ତି ସାର ଥାଇ, ସେ ପୁଣି କ୍ଷମା ଆଚରାଇ। ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣଧରେ ପରହିତେ। ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।'

ଏକ ବିରାଟ ଭାଗବତ ଗ୍ରନ୍ଥରେ ଯୋଗ, ଧର୍ମ, ନୀତି, ଆଚାର, ବିଚାର ସହିତ ଭଗବାନଙ୍କର ଅବତାର ବର୍ଣ୍ଣନା ପାଠକ ପ୍ରାଣରେ ଅପୂର୍ବ ଭାବମୂର୍ତ୍ତି ସୃଷ୍ଟି କରେ। ମଣିଷର ମଙ୍ଗଳ କ'ଣ ? ଶାସ୍ତ୍ରର ସାର କ'ଣ ଶ୍ରୀକୃଷ୍ଣ କାହିଁକି ଜନ୍ମ ଗ୍ରହଣ କଲେ। ଭଗବାନ ଶ୍ରୀକୃଷ୍ଣ କି କାର୍ଯ୍ୟ କରିଥିଲେ ଏବଂ ଶେଷରେ ଧର୍ମ କିପରି ରକ୍ଷିତ ହେଲା ଇତ୍ୟାଦି ମୁଖ୍ୟ ଛଅଗୋଟି ବିଷୟ ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ।

ସେଥିପାଇଁ ଭାଗବତ ଗ୍ରନ୍ଥର ପ୍ରଥମରେ ଉଲ୍ଲେଖ ରହିଛି – 'କିସ ମଙ୍ଗଳ ପୁରୁଷର, ସାର କି ସକଳ ଶାସ୍ତ୍ରର। ଦେବକୀ ଗର୍ଭେ ଯଦୁସାଇଁ, ଜନ୍ମ ଲଭିଲେ କାହିଁ ପାଇଁ। କି କାର୍ଯ୍ୟ କଲେ ଭଗବାନ, ହେଲେ କି ଅବତାର ମାନ। ସେ ପ୍ରଭୁ ହୋନ୍ତେ ଅନ୍ତର୍ହିତ, ଧର୍ମ ବା ହେଲା କାହାଶ୍ରିତ। ' ଯେଉଁଠି ସକଳ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଯେ ଭଗବାନଙ୍କ ଠାରେ ଐକାନ୍ତିକ ଭାବରେ ନିଜକୁ ସମର୍ପିତ କରିଥାଏ ଏବଂ ଭଗବାନ କୃପା ପ୍ରଦର୍ଶନ କରି ତାହାକୁ ଗ୍ରହଣ କରିଥାନ୍ତି ସେହିଠାରେ ଭାଗବତ ଧର୍ମର ଅବତାରଣା ହୋଇଥାଏ। ମହାଭାରତ ଓ ଭଗବତ ଗୀତାରେ ଏହାର ଉତ୍ସ ଅଛି। ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ୍ୟ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାଯୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀମାନଙ୍କର ପରମ ଅଭିଳାଷ।

ଭଗବାନ ଯେଉଁଠି ନିତ୍ୟ-ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ 'ମର୍ତ୍ତ୍ୟ ବୈକୁଣ୍ଠ' ଭାବରେ ଗ୍ରହଣ କରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଚ୍ଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟ ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟାଗ କରିଥିଲେ ମଧ୍ୟ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହିଠାରେ ଦେହ ତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି – 'ଜଗନ୍ନାଥ ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।' ଓଡ଼ିଶାରେ ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

ଷୋଡ଼ଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି ଶ୍ରୀଜଗନ୍ନାଥ ଦାସ ଭାଗବତ ରଚନା କରି ଯେଉଁ ଗୌରବ ଅର୍ଜନ କରିଯାଇଛନ୍ତି ତାହା କ୍ୱଚିତ କବିଙ୍କ ଭାଗ୍ୟରେ ମିଳିପାରିଥାଏ। ସେ ଧର୍ମ ସାହିତ୍ୟକୁ ସଂସ୍କୃତର ନିଗଡ଼ ବନ୍ଧନରୁ ମୁକ୍ତ ରି ଯେ କୌଣସି ଓଡ଼ିଆ ଲେଖିପଢ଼ି ଜାଣିଥିବା ବ୍ୟକ୍ତିଙ୍କୁ ପଠନର ଅଧିକାର ଦେଇଯାଇଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ କିନ୍ତୁ ଜଗନ୍ନାଥଙ୍କୁ ଅବତାର ରୂପେ ମାନିଛନ୍ତି। ସେ ସେଥିପାଇଁ ଲେଖିଛନ୍ତି :- 'ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ। ହୋଇଲୁ ଦଶ ଅବତାର, ନାଶିଲୁ ଅବନୀର ଭାର। ନମସ୍ତେ ପ୍ରଭୁ ଜଗନ୍ନାଥ, ଯାର ଶରୀର ଏ ଜଗତ, ତୁ ବିଶ୍ୱନାଥ ଜଗତ ପତି, ମହାପୁରୁଷ ସର୍ବରାତି।'

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬

# ପ୍ରଶ୍ନୋତ୍ତରୀ

**ଅନୀତା ପଟ୍ଟନାୟକ**

ମୋର ଜଣେ ବାନ୍ଧବୀ ବିଦେଶରେ ରୁହେ। ତାର ନାମ ଆକାଂକ୍ଷା। ସେ ମତେ ଦିନ ଫୋନ ଜରିଆରେ ପଚାରିଲା ଯେ ଆମେ କୌଣସି ଗୁରୁଜନଙ୍କୁ ପ୍ରଣାମ କଲେ ସେମାନେ ଆମକୁ ଦୀର୍ଘାୟୁ ହୁଅ, ତୁମର ଜୀବନ ସୁସ୍ଥ ହେଉ ବୋଲି ସାଧାରଣତଃ କହିଥାନ୍ତି। ନୂତନ ବିବାହ କରିଥିବା ଝିଅ ମାନଙ୍କୁ ପୁତ୍ରବତୀଭବ ଓ ପୁଅ ମାନଙ୍କୁ ଯଶସ୍ୱୀ ଭବ ଏପରି ବିଭିନ୍ନ ପ୍ରକାର ଆଶୀର୍ବାଦ ବିଭିନ୍ନ ଗୁରୁଜନମାନେ ଦେଇଥାନ୍ତି। କେହି କିନ୍ତୁ ଆଧ୍ୟାତ୍ମିକ ଜୀବନରେ ସଫଳତା ପାଇଁ ଆଶୀର୍ବାଦ ଦେଇନଥାନ୍ତି ଏହାର କାରଣ କ'ଣ ? ମୁଁ ବଡ଼ ଅଡୁଆରେ ପଡ଼ିଗଲି। ଭାବିଲି ମୋର ବାନ୍ଧବୀଟି ବିଦେଶରେ ଥିଲେ ମଧ୍ୟ ମତେ ମନେରଖି ଆଧ୍ୟାତ୍ମିକ ଜୀବନ ବିଷୟରେ ପଚାରୁଛି। ଭାବିଲି ଏହାର କଣ ଉତ୍ତର ଦେବି ? କିଛି ଦିନ ଚିନ୍ତାକରି ତାକୁ ତାର ପ୍ରଶ୍ନର ଏକ ଉତ୍ତର ଲେଖିଥିଲି। ଆଜି ପର୍ଯ୍ୟନ୍ତ ଜାଣିନାହିଁ ସେ ଉତ୍ତରଟି ଠିକ କି ଭୁଲ। ଏହାକୁ ସାର୍ବଜନୀନ କରିବି ବୋଲି ଭାବି ଏକଥାଟି ଲେଖୁଛି।

ତାକୁ ମୁଁ ଲେଖିଥିଲି ଦୀର୍ଘ ଜୀବନ ହେଲେ ଜଣେ ଆଧ୍ୟାତ୍ମିକ ସାଧନା ସୁରୁଖୁରୁରେ କରିପାରିବ। ଶରୀର ସୁସ୍ଥ ରହିଲେ ଯାହାକି ଗୋଟିଏ ଗାଡ଼ି ପରି ତାହାକୁ ଆମେ ଲକ୍ଷ୍ୟ ସ୍ଥଳରେ ପହଁଞ୍ଚାଇ ପାରିବା। ଏକ ଆଧ୍ୟାତ୍ମିକ ଜୀବନ ହିଁ ମଣିଷ ଜୀବନର ମୂଳ ଲକ୍ଷ୍ୟ। ଆଧ୍ୟାତ୍ମିକ ଜୀବନ ଯାତ୍ରା ହେଉଛି ଏକ ଶାଶ୍ୱତ ଯାତ୍ରା। ଆଜିକାଲି ଅନେକ ଗୁରୁ ଆଧ୍ୟାତ୍ମିକ ସାଧନାକୁ ଧନ ସହିତ ଯୋଡ଼ି ଥିବାରୁ ଏପରି ଆଶୀର୍ବାଦ ଆମକୁ ମିଳିଛି। କିନ୍ତୁ ପ୍ରକୃତ ଗୁରୁ କେବେ ଧନ ଗ୍ରହଣ କରେନା। ସେ କେବଳ ଦେବା ଶିଖିଥାଏ, ନେବା ନୁହେଁ। ତାର ଅଜବ ଗଜବ ପ୍ରଶ୍ନ ଭାରି ଭଲ ଲାଗେ। ଦିନେ ସେ ମତେ ପଚାରିଲା ଭାରତରେ କୋଟି କୋଟି ଲୋକ ମହାକୁମ୍ଭରେ ସ୍ନାନ କରିବାକୁ ଯାଉଛନ୍ତି। ଏସବୁ କଣ ଆଧ୍ୟାତ୍ମିକ ସାଧନା ? ପୁଣିଥରେ ଅଡୁଆରେ ପଡ଼ି ମୁଁ ଉତ୍ତରଟି ଲେଖିଥିଲି ଠିକ କି ଭୁଲ ମୁଁ ଜାଣେନି। ମୁଁ ତାକୁ ଉତ୍ତରରେ ଲେଖିଲି ଆମେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପାଳନ କରୁ। ଆମେ ଜାତୀୟ ପତାକା ତଳେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରୁ। ଦେଶ କହିଲେ କ'ଣ ସେହି କନା ଖଣ୍ଡକୁ ବୁଝାଏ ? ଆମେ ସମ୍ମାନର ସହିତ ଜାତୀୟ ପତାକାକୁ ସମ୍ମାନ ଦେଇଥାଉ। କନା ଭାବରେ ନୁହେଁ ସେ କନାଟି ଆମର ଦେଶ ଓ ଜାତିର ଗୌରବର ଚିହ୍ନ ବୋଲି ଭାବିଥାଉ ଓ ଦେଶାତ୍ମବୋଧର ଭାବନା ଆମ ମନରେ ଜାଗ୍ରତ ହୁଏ। ଆମେ କହିଥାଉ ଏହା ଆମ ମାତୃଭୂମିର ଚିହ୍ନ। ସେ ଆଉ ଦିନେ ଆଉ ଏକ ଅଜବ ପ୍ରଶ୍ନ କରି ମତେ ପଚାରିଲା ଭାରତରେ ସବୁ ପୂଜାପାଠରେ ଏତେ ନଡ଼ିଆ କାହିଁକି ପୂଜା କରାଯାଏ ଓ ଭଙ୍ଗାଯାଏ ? ସେ କହିଲା ଗତ ଥର ଯେତେବେଳେ ମୁଁ ଓଡ଼ିଶା ଯାଇଥିଲି ସେତେବେଳେ ମୁଁ ଦେଖିଥିଲି ନାଲିକନା ଗୁଡ଼ାଇ ଦେବୀ ପୀଠରେ ନଡ଼ିଆ ପୂଜା କରାଯାଉଛି ଓ ନଡ଼ିଆକୁ ବସ ଜରିଆରେଦେବୀପୀଠ ପାଖକୁ ପଠାଯାଉଛି ।ଏମିତି ଗୋଟେ ପ୍ରଶ୍ନର କ'ଣ ଉତ୍ତର ଦେବି ଭାବି ମୁଁ ତାକୁ ଚିଠିରେ ଲେଖିଲି ନଡ଼ିଆକୁ ଭୋଗରେ ପରିଣତ କରିବାକୁ ହେଲେ ପ୍ରଥମେ ତାର କତାକୁ ଛଡ଼ାଇବାକୁ ପଡ଼େ। ନଡ଼ିଆର କତା ହେଉଛି ମନୁଷ୍ୟ ଭିତରେ ଥିବା ପଶୁତ୍ୱଭାବ ତାକୁ ଅନ୍ୟ ଅର୍ଥରେ କହିବାକୁ ହେଲେ ତାହା ହେଉଛି ତାମସିକ ଭାବ। କତା ଛଡ଼ାଇବା ପରେ ନଡ଼ିଆର ଟାଣ ଅଂଶଟି ଆସେ। ଟାଣ ଅଂଶଟି ଭାଙ୍ଗିଲେ ନଡ଼ିଆ ଭିତରେ ଥିବା ପବିତ୍ର ଜଳ ଓ ଧଳାଅଂଶ ପାଖରେ ମନୁଷ୍ୟ ପହଞ୍ଚେ। ଆମର ଆକାଂକ୍ଷା, ଆମର କାମନା ବାସନା, ଆମର ଭାବବେଗ ଏସବୁ ରାଜସିକ ଲକ୍ଷଣ। ନଡ଼ିଆଟିକୁ ଫଟାଇବା ପରେ ଏକ ଧଳା ଅଂଶ ପ୍ରତୀୟମାନ ହୁଏ। ଯାହାକି ଶାନ୍ତି ଶୁଦ୍ଧତା, ସତ୍ୟ ଓ ପ୍ରେମକୁ ବୁଝାଏ। ଉକ୍ତ ଧଳାଅଂଶଟି ସାତ୍ତ୍ୱିକ ଗୁଣର ପରିଚୟ ଦିଏ ଓ ତା ଭିତରେ ଥିବା ମିଠା ପାଣି ଦିବ୍ୟତ୍ୱର ଚିହ୍ନ ସ୍ୱରୂପ ଥାଏ। ଯାହାକୁ ପୂଜା ସମୟରେ ନାରିକେଳ ଫଳୋଦକଂ ସମର୍ପୟାମି କହି ଆମର ଆରାଧ୍ୟ ଦେବତାଙ୍କୁ ଅର୍ପଣ କରୁ। ତେଣୁ ଆମର ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ରୀତିନୀତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଅନେକେ ଏହାକୁ ନ ବୁଝି ଯନ୍ତ୍ରଚାଳିତ ମେସିନ ଭଳି କାମ କରିଥାନ୍ତି। ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ପ୍ରତ୍ୟେକ ରୀତିନୀତିର ଗୁଢ଼ ରହସ୍ୟ ରହିଅଛି। ସେ ମୂଲ୍ୟବୋଧକୁ ବିଚାରକୁ ନେଇ ପୂଜାର୍ଚ୍ଚନା କରିବା ହିଁ ପ୍ରକୃତ ଆଧ୍ୟାତ୍ମିକ ସାଧନା। ମୁଁ ଜାଣେନାହିଁ ଏ ଉତ୍ତରଟି ଠିକ ଥିଲା ନା ନାହିଁ। ଏହାକୁ ତର୍ଜମା କରିବାର ଭାର ମୋର ଶ୍ରଦ୍ଧେୟ ପାଠକ ପାଠିକା ମାନଙ୍କୁ ଦେଲି।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬









# ଲାଠିରେ ପଂଚାୟତ ସ୍ତରୀୟ ଜନଶୁଣାଣି ଅଭିଯୋଗ

କୁକୁଡାଖଣ୍ଡି,୮।୯:(ମନ୍ଥନ)କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠି ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଂଚାୟତ ସ୍ତରୀୟ ଜନଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଥିଲା । ଏଥିରେ କୁକୁଡାଖଣ୍ଡି ବ୍ଲକ ବିଡ଼ିଓ ଡ଼. ପଲ୍ଲବ ସ୍ୱାଇଁ ଯୋଗଦେଇଥିବା ବେଳେ ଅତିରିକ୍ତ ତହସିଲଦାର ସ୍ୱାଗତିକା ଦାଶ,, ଏଇ ଅନୁରାଗ ରଥ, ଜିପିଓ ସୁପ୍ରଭା ସାହୁ, ସରପଞ୍ଚ ରାଧା ମୋହନ ସେଠି, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ସିଡିପିଓ କୁସୁମ କୁମାରୀ ସାହୁ, ପିଇଓ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଅଭିଯୋଗ ଶୁଣାଣୀ ରେ ବ୍ଲକ ର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମୁଖ୍ୟ ସମସ୍ୟା ରାସ୍ତାର ଉନ୍ନତିକରଣ ,ପ୍ରାଥମିକ ଶିକ୍ଷାର ବିକାଶ,, ବିଧବା,ବାର୍ଦ୍ଧକ୍ୟ ବିକଳାଙ୍ଗ ଭର୍ତ୍ତା, ରାସନ କାର୍ଡର ସଂଶୋଧନ,ଆବାସ ଯୋଜନା




ନୂତନ ତାଲିକା ପ୍ରସ୍ତୁତ ଭଳି ବିଭିନ୍ନ ସମସ୍ୟା ଉପରେ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା । ଶିବିରରେ ମୋଟ ୭୪ଟି ଅଭିଯୋଗ ଶୁଣାଣୀ ହୋଇଥିଲା । ପୂର୍ବ ସରକାରଙ୍କ ସମୟରେ ଲୋକମାନେ ଅଭିଯୋଗ କରିବାକୁ ବିଭିନ୍ନ ବିଭାଗକୁ ଦୌଡୁଥିଲେ ଓ ନାନା ସମସ୍ୟାର ସମ୍ମୁଖିନ ହେଉଥିଲେ କିନ୍ତୁ ଆଜି ପ୍ରତି ପଞ୍ଚାୟତ କୁ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସୁଛନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ନାରା ଦେଇଥିବା ଡବଲ ଇଞ୍ଜିନ ସରକାରଙ୍କ ଏହି ପଦକ୍ଷେପକୁ ଜନସାଧାରଣ ସ୍ୱାଗତ ଜଣାଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ସୋମବାର ଗୋଟିଏ ଗୋଟିଏ ପଞ୍ଚାୟତରେ ଏହିଭଳି କାର୍ଯ୍ୟକ୍ରମ କରାଯିବ,ଫଳରେ ସବୁ ପଞ୍ଚାୟତର ଲୋକମାନେ ନିଜର ଅଭିଯୋଗ ସିଧା ସଳଖ ବିଭାଗୀୟ ଅଧିକାରୀଙ୍କୁ ଜଣାଇପାରିବେ ।

# ଯାଜପୁର ଜିଲ୍ଲାରେ ଖରିଫ ଋତୁ ପାଇଁ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗାଣ ସମ୍ପର୍କୀୟ ପ୍ରେସ ମିଟ

ଯାଜପୁର,୮।୯:(ମନ୍ଥନ)ଯାଜପୁର ଜିଲ୍ଲାରେ ସାର ର ଅଭାବୀ ବିକ୍ରି ସମ୍ପର୍କୀୟ ବିଭିନ୍ନ ସମ୍ବାଦପତ୍ର ରେ ପ୍ରକାଶିତ ସମ୍ବାଦ ପରିପ୍ରେକ୍ଷୀରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଏକ ପ୍ରେସମିଟ ବୈଠକରେ ଯୋଗଦେଇଥିଲେ। ପ୍ରେସମିଟ୍ ପୂର୍ବରୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କୃଷି ଅଧିକାରୀ, ସମବାୟ ବିଭାଗ, ମାର୍କଫେଡ୍ ଏବଂ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ର ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଥିଲେ। ସାର ବଣ୍ଟନ, ଉପଲବ୍ଧତା ଓ ଯୋଗାଣ ପ୍ରଣାଳୀର ସମସ୍ତ ପ୍ରାସଙ୍ଗିକ ପରିସ୍ଥିତିରେ ଚର୍ଚ୍ଚା ହୋଇଥିଲା। ସୂଚନା ମୁତାବକ,ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୮୫୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୯ ହଜାର ୪୪୮ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୫୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୬୬୦୧ ମେଟ୍ରିକ୍ ଟନ୍ ସାର ଆସିଛି। ଏନପିକେ ଏସ ସାର ୭୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୫୧୫୮ ମେଟ୍ରିକ୍ ଟନ୍ ସାର ଆସିଛି। ଏମଓପି ୨୦୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୮୭୩ ମେଟ୍ରିକ୍ ଟନ୍ ଆସିଛି। ସେପଟ୍ମେର ମାସରେ ମଧ ପୂର୍ବରୁ ଗଛିତ ରଖିବା ପାଇଁ ୩୦୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ଏବଂ ପଟାସ ସାର ଜିଲ୍ଲାକୁ ଆସିବାର ଯୋଜନା ଅଛି। ଉକ୍ତ ପ୍ରେସମିଟ୍ ରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ କର ସାର ବଣ୍ଟନକୁ ସୁପରିଚାଳିତ କରିବା ପାଇଁ ସମସ୍ତ ପ୍ୟାକେଜ୍‌ରେ ସ୍ୱଷ୍ଟ ଲେବେଲ, ନିୟମିତ ସପ୍ଲାଇ ଚେକ୍ ଏବଂ କୃଷକମାନଙ୍କୁ ନିୟମିତ ସୂଚନା ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିସହିତ, କୌଣସି ସ୍ଥାନରେ ସାର କଳାବଜାରି, ଅଭାବ ସୃଷ୍ଟି କିମ୍ବା ଅନିୟମିତତା ଚାଲିଥିଲେ, ତାହାପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅଧିକାରୀମାନଙ୍କୁ ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ସାର ର ସମ ଉପଯୋଗୀ ବଣ୍ଟନ ନିଶ୍ଚିତ କରିବାକୁ ପଦକ୍ଷେପ ଗ୍ରହଣ କରିବେ। ସମବାୟ ସମିତି ଗୁଡିକୁ ମାର୍କଫେଡ୍ ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣରେ ସାର ପ୍ରଦାନ କରାଯିବା ସହିତ, କୃଷକମାନେ ସରଳ ଓ ସ୍ୱଷ୍ଟ ପ୍ରକ୍ରିୟାରେ ସାର ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଙ୍କ ଅଧକ୍ଷତାରେ ସ୍କ୍ୱାଡ଼ ଗଠନ କରାଯାଇଛି ଏବଂ ଅତିରିକ୍ତ ଜିଲ୍ଲାପାଳ,ଙ୍କ ଏହି ବୈଠକ ପରେ ସମସ୍ତ ତହସିଲଦାର ଏବଂ କୃଷି ଅଧିକାରୀଙ୍କର ଭିଡିଓ ସମ୍ମିଳନୀ ମାଧ୍ୟମରେ ବ୍ଲକ ସ୍ତରୀୟ ସ୍କ୍ୱାର୍ଡଙ୍କୁ ସାରର ସୁବଣ୍ଟନ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । କୃଷି ବିଭାଗ ତରଫରୁ ଖରିଫ ପ୍ରାରମ୍ଭରୁ ବିଭିନ୍ନ ସାର ବିକ୍ରେତାଙ୍କୁ ଯାଞ୍ଚ କରାଯାଇ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି ଏବଂ ଏହି ଯାଂଚକୁ ବ୍ୟାପକ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଏଥିରେ କୃଷି ବିଭାଗ, ସମବାୟ ବିଭାଗ ଓ ତହସିଲଦାର ମାନେ ଅତର୍କିତ ଭାବରେ କୃଷି ସମବାୟ ସମିତି ଓ ଡିଲର ପଏଣ୍ଟ ରେ ଚଢ଼ାଉ କରିବେ। ଉକ୍ତ ପ୍ରେସମିଟ୍ ରେ ବିଭାଗୀୟ ଅଧିକାରୀ ଓ ଗଣମାଧମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ

ଗଞ୍ଜାମ,୮।୯:(ମନ୍ଥନ)ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ ଠାରେ ଚାରିଦିନ ଧରି ଚାଲିଥିବା ଜୋନ ଓ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି । ଗତ ୪ ରୁ ତିନିଦିନ ଧରି ଚାରୋଟି ଜୋନ ତଥା ରମ୍ଭା ହାଇସ୍କୁଲ, ସୁବଳୟା ହାଇସ୍କୁଲ, ଖଣ୍ଡଦେଉଳୀ ହାଇସ୍କୁଲ ଏବଂ ଗଞ୍ଜାମ ଭାରତୀ ବିଦ୍ୟାପୀଠ ମଧ୍ୟରେ ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଓ ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଚାରୋଟି ଜୋନର ପ୍ରାୟ ୬୭୯ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ କ୍ଷ ଏଥିସହ କବାଡି, ଲଙ୍ଗଜମ୍ପ,ହାଇଜମ୍ପ, ସଟପୁଟ, ଡିସ୍କସ ଆଦି ପ୍ରତିଯୋଗିତାରେ ପ୍ରାୟ ୩୪୮



ଛାତ୍ରୀଛାତ୍ର ବ୍ଲକ ସ୍ତରକୁ ମନୋନୀତ ହୋଇଥିଲେ । ସେଥିମଧ୍ୟରୁ ୧୨୦ କୃତି ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଉଦଯାପିତ କ୍ରୀଡା ଉତ୍ସବରେ ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀ ପ୍ରଶନ କୁମାର ବେହେରା, ଏବିଇଓ ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଗଞ୍ଜାମ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷୟତ୍ରୀ ଛନ୍ଦାରାଣୀ ସାହୁ , ସୁଶାନ୍ତ ସାହୁ,ରାଧାକୃଷ୍ଣ ଦଳାଇ ସୁରେଶ ପାତ୍ର, ହରେଶ ଚନ୍ଦ୍ର ସ୍ୱାଇଁ, ସୁଧାଂଶୁ ଶେଖର ଦାସ, ଶ୍ରୀହରି, ଜନକ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି । ଆସନ୍ତା ୧୫ ରୁ ୧୮ ପର୍ଯ୍ୟନ୍ତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ ଠାରେ ଜିଲ୍ଲା ସ୍ତରୀୟ ଖୋକ ପ୍ରତିଯୋଗିତା ମିନି ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବ ।

# ବିଂଝାରପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୮।୯:(ମନ୍ଥନ)ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଂଝାରପୁର, ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର, ବିଂଝାରପୁର ପ୍ରଦୀପ୍ତ କୁମାର ସେଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୮।୯:(ମନ୍ଥନ)ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ତାଳଚେର ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଯୋଗ ଦେଇଥିଲେ ଯ଼ ଜନଶୁଣାଣି ଶିବିରରେ ସମୁଦାୟ ୪୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୯ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗରଶୁଣାଣି ହୋଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାରମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନଅଭିଯୋଗ ଦାଖଲ କରିଥିଲେ ।

# ଶ୍ରୀ ସ୍ୱାମୀ ଶିବାନନ୍ଦଜୀଙ୍କ ୧୩୮ତମ ଜନ୍ମ ଜୟନ୍ତୀ ପାଳିତ

ବୁଗୁଡା,୮।୯:(ମନ୍ଥନ) ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ଶ୍ରୀ ସ୍ୱାମୀ ଶିବାନନ୍ଦଜୀଙ୍କ ୧୩୮ତମ ଜନ୍ମ ଜୟନ୍ତୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରାତଃରେ ପ୍ରାର୍ଥନା, ଜପ ଓ ଧ୍ୟାନ, ପାଦ ପୂଜା ଏବଂ ପୂର୍ବାହ୍ନରେ ହୋମ, ନଗର ଭ୍ରମଣ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ଜୟ ଗଣେଶ କୀର୍ତ୍ତନ , ଗୁରୁ ସ୍ତୋତ୍ର ଓ ଗୀତା ପାଠ କରାଯାଇଥିଲା । ଏଥି ସହ ସତସଙ୍ଗ କାଳରେ ଦୁର୍ଗା ପ୍ରସାଦ ଦାଶଙ୍କ ଦ୍ୱାରା ପ୍ରାରମ୍ଭିକ ଭଜନ ଗାନ ପରେ ସ୍ୱାମୀ ଶିବାନନ୍ଦଙ୍କ ବାଲ୍ୟ ଜୀବନୀ ଓ ସନ୍ୟାସ ଜୀବନ ସମ୍ପର୍କେ ଆଲୋଚନା ସହ ବିଶ୍ୱଶାନ୍ତି ମନ୍ତ୍ର, ଶାନ୍ତିପାଠ କରାଯାଇଥିଲା । ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କୋଷାଧକ୍ଷ କିଶୋର କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଏଥିରେ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପାଢୀ, ରୀନା ଚୌଧୁରୀ , ସାରଳା ସ୍ୱାଇଁ, ଗିତାଞ୍ଜଳୀ ରା ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା କଂଗ୍ରେସ ସଭାପତି ଚୟନ କରିବେ କର୍ମୀ ଓ କର୍ମକର୍ତ୍ତା

ଯାଜପୁର,୮।୯:(ମନ୍ଥନ) କଂଗ୍ରେସ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ କାହାର ସୁପାରିସ୍‌ରେ ସଭାପତି ଚୟନ ହୋଇପାରିବ ନାହିଁ, ନିର୍ଦ୍ଦେଶ ଥିବା ବେଳେ "ସଂଗଠନ ସୃଜନ ଅଭିଯାନ" ମାଧ୍ୟମରେ ଗ୍ରାମ ଓ ପୌରାଞ୍ଚଳ ମାନଙ୍କରେ କାର୍ଯ୍ୟ କରୁଥିବା କର୍ମୀଙ୍କ ମତାମତ ସଂଗ୍ରହ କରି ସଭାପତି ଚୟନ କରାଯିବ। କଂଗ୍ରେସ ଜିଲ୍ଲା ସ୍ତରରୁ ଏହି ଅଭିଯାନ ଆରମ୍ଭ କରିଛି। ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ୍ ଖଡ଼ଗେ ଓ କଂଗ୍ରେସ ସଂସଦୀୟ ଦଳର ନେତା ରାହୁଲ ଗାନ୍ଧୀ ଓଡ଼ିଶା କଂଗ୍ରେସର ମୂଳଦୁଆକୁ ତୃଣମୂଳ ସ୍ତରରୁ ସୁଦୃଢ଼ ଓ ସଶକ୍ତିକରଣ କରିବା ପାଇଁ ସୃଜନ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲାରେ କଂଗ୍ରେସ ଜିଲ୍ଲା ସଭାପତି ଚୟନ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲା ସଂଯୋଜକ ମନୋଜ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳିନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଭାବେ ଚାରୁଲତା ଟୋକାସ୍, ପର୍ଯ୍ୟବେକ୍ଷକ ଭାବେ ହିତେସ୍ ମେଟୱାନି ଏବଂ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପିସିସିର ପୂର୍ବତନ ସାଧାରଣ ସଂମ୍ପାଦକ ଶାନ୍ତନୁ ସାହୁ ଓ ଯାକୁବ୍ ଉଜମାନ ଖାଁ ସୋମବାର ଦିନ ୧୦ ଘଟିକା ସମୟରେ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ହୋଇ ସଂଗଠନ ସୃଜନ ଅଭିଯାନର ଆଭିମୁଖ୍ୟ, ପ୍ରକ୍ରିୟା ଓ ଲକ୍ଷ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ ଓ ପରେ ପରେ ଜିଲ୍ଲା ସଂଯୋଜକ ଶ୍ରୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଂସ୍କୃତି ଭବନ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ସମ୍ମଳନୀରେ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ କର୍ମୀମାନଙ୍କ ନିକଟରେ ବ୍ୟକ୍ତ କରିଥିଲେ। ପୂର୍ବରୁ ଜିଲ୍ଲାର କିଏ ନେତୃତ୍ୱ ନେବେ ତାହା ଦଳର ଶୀର୍ଷନେତୃତ୍ୱ ନିର୍ଣ୍ଣୟ କରୁଥିବା ବେଳେ ଏବେ ଗ୍ରାମ ଓ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମୀମାନେ ଜିଲ୍ଲା ସଭାପତି ଚୟନ କରିବେ ବୋଲି କହିଥିଲେ। ଏହାଦ୍ୱାରା ଦଳର ସଂଗଠନ ତୃଣମୂଳସ୍ତରରୁ ସଶକ୍ତ ଓ କ୍ରିୟାଶୀଳ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଗସ୍ତକରି ଜିଲ୍ଲା ପାଇଁ ଏକ ବଳିଷ୍ଠ ନେତୃତ୍ୱ ସମ୍ପନ୍ନ ଜିଲ୍ଲାସଭାପତି ଚୟନ କରାଯିବ ପ୍ରକାଶ କରିଥିଲେ। ଏହି ସମ୍ମିନଳୀରେ ସଭାପତିତ୍ୱ କରୁଥିବା ଶ୍ରୀ ରାଉତ ସମସ୍ତ ବ୍ଲକରେ ଓ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକରୁଥିବା ନେତୃମଣ୍ଡଳୀ ଓ କର୍ମୀମାନେ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ବଡ଼ଚଣା ନେତା ଅଜୟ ସାମଲ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ସୁଦିପ୍ କର, ଶିଶିର ନାୟକ, ଧର୍ମଶାଳା ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ବେହେରା, ଶ୍ରୀନାଥ ମିଶ୍ର, ବନ୍ଦିତା ପରିଡ଼ା, କନକଲତା ମଲ୍ଲିକ, ବିଜୟ ଦ୍ୱିବେଦୀ, ଆରତୀ ଦେଓ, ବିଦ୍ୟାଧର ମହାନ୍ତି, ଆରତୀ ସ୍ୱାଇଁ, ଗଦାଧର ଦାସ, ପ୍ରତିମା କର, ମାନସ କର, ନାରାୟଣ ସାମନ୍ତ, ହୃଷିକେଶ ପତି, ଭାସ୍କର ମହାନ୍ତି, ଆଲୋକ ବେହେରା, ରବି ସ୍ୱାଇଁ, ମଧୁସୂଦନ ସାହୁ, ହରେକୃଷ୍ଣ ସାହୁ, ରାଇ ଚରଣ ମହାନ୍ତି, ଦିଲ୍ଲୀପ ଦାଶ, ପୟୋଧର ରାୟ, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, ବିଭୂତି ଭୂଷଣ ମହାପାତ୍ର ପ୍ରଭୃତି ଯୋଗଦେଇଥିବା ବେଳେ ସର୍ବଶେଷରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ହୁମା ଫାଣ୍ଡି ଅଧିକାରୀଙ୍କୁ ଭେଟିଲେ ପ୍ରତିନିଧି ଦଳ

ଗଞ୍ଜାମ,୮।୯:(ମନ୍ଥନ)ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ଠାରେ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ଶୈବ ପୀଠ ଅବସ୍ଥିତ । ଆସନ୍ତା ଅକ୍ଟୋବର ମାସ ତଥା କାର୍ତିକ ମାସରେ ଉକ୍ତ ଶୈବ ପୀଠ ଠାରେ ବହୁ ଭକ୍ତଙ୍କ ଭିଡ଼ ଜମିବ । ଏଥିସହ ନଭେମ୍ବର ରେ ବଟେଶ୍ୱର ବାଲିଯାତ୍ରା ଅନୁଷ୍ଠିତ ହେବ । ଉକ୍ତ ବାଲିଯାତ୍ରାରେ ମଧ ଲକ୍ଷାଧିକ ଭକ୍ତ ସାମଗମ ହେବ । ଏନେଇ ସୋମବାର ବଟେଶ୍ୱର ଐତିହ୍ୟ ସରାଂକ୍ଷଣ କମିଟିର ଏକ ପ୍ରତିନିଧି ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଇନ ଶୃଙ୍ଖଳା ଓ



ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଆଲୋଚନା ବେଳେ କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ,କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, ବରିଷ୍ଠ ସଭ୍ୟ ବୃନ୍ଦାବନ ପ୍ରଧାନ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ,ନିରାକାର ଜେନା, କ୍ରିଷ୍ଣା ରେଡି ଏବଂ ତ୍ରିନାଥ ରେଡି ପ୍ରମୁଖ ଉପସ୍ଥିତ ଥିଲେ ।ମନ୍ଦିର ପରିଚାଳନା କମି ଓ ପ୍ରଶାସନ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ କରାଯିବ ବୋଲି ଆଲୋଚନା ହୋଇଥିଲା କ୍ଷ ବଟେଶ୍ୱର ପୀଠକୁ ମାତ୍ର ଗୋଟିଏ ରାସ୍ତା ତାହା ମଧ ସଂକୀର୍ଣ୍ଣ । ପ୍ରତିବର୍ଷ ଯାତ୍ରା ସମୟରେ ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ଶହ ଶହ ଗାଡି ମୋଟର ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ପରବର୍ତ୍ତୀ ସମୟରେ ତହସିଲଦାର ଏବଂ ବିଡ଼ିଓଙ୍କୁ ପରିଚାଳନା କମିଟି ପକ୍ଷରୁ ଭେଟି ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଐତିହ୍ୟ ସରାଂକ୍ଷଣ କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ହିମାଂଶୁ ହେଲେ ଜିଲ୍ଲା ଯୁବକଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ

କେନ୍ଦ୍ରାପଡ଼ା,୮।୯:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜିଲ୍ଲା ସଂଯୋଜକ ତଥା କାର୍ଯ୍ୟକାରୀ ସଦସ୍ୟ ଭାବେ ଯୁବନେତା ହିମାଂଶୁ ଭୂଷଣ ନନ୍ଦଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜାତୀୟ ମୁଖ୍ୟ ମନୁ ଜୈନ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଯୁବନେତା ଶ୍ରୀ ନନ୍ଦ ଜଣେ ଦକ୍ଷ ସଂଗଠକ ଭାବେ ପୂର୍ବରୁ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହ କରି ଆସିଛନ୍ତି। ଶ୍ରୀ ନନ୍ଦ ହେଉଛନ୍ତି ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମପଞ୍ଚାୟତର ନୂଆପାଟଣା ଗ୍ରାମର ବାସୀନ୍ଦା। ଏହି ନିଯୁକ୍ତି ପାଇଁ ଶ୍ରୀ ନନ୍ଦ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁଜୀ, ଅଖିଳ ଭାରତ ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ଜାତୀୟ ମୁଖ୍ୟ ମନୁ ଜୈନ, ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ମୁକେଶ ଜୀ, ରାଜ୍ୟ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମର ଭାରପ୍ରାପ୍ତ ଅଧିକାରୀ ଦୁଲାଲ ଶର୍ମା, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ମନୋଜ ବେହେରା, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ଇଂ ସିଦ୍ଧାର୍ଥସ୍ୱରୂପ ଦାଶ ଓ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମର ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରି ଦଳର ସଂଗଠନକୁ ଅଧିକ ମଜଭୁତ କରିବାକୁ ପ୍ରୟାସ କରିବେ ବୋଲି ଶ୍ରୀ ନନ୍ଦ କହିଛନ୍ତି। ନିଯୁକ୍ତି ପରେ ଶ୍ରୀ ନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୮।୯:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୩୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୬ଟିଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଓ ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ବଅଁରପାଳ ବ୍ଲକଅନ୍ତର୍ଗତ ସିମିଳିଛୁଇଁ ଗ୍ରାମର ଶ୍ରୀ ଗିରିଶ ଚନ୍ଦ୍ର ଦାସଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ, ଉମରି ଦଳ ବିଜୟ

ନବରଙ୍ଗପୁର,୮।୯:(ମନ୍ଥନ)ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଲକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ରାକେଶ ଗୁପ୍ତା ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏକ ସଂଘର୍ଷ ମୟ ଉଦ୍ଘାଟନୀ ମ୍ୟାଚରେ କୋରାପୁଟ ଜିଲ୍ଲା ଉମରି ଦଳ ନବରଙ୍ଗପୁର ଜିଲ୍ଲା ଗ୍ଲାଡ଼ିଏଟର ଏଫ୍ ସି ଦଳକୁ ୨-୦ ଗୋଲ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟ କୁ ଉନ୍ନୀତ ହୋଇଛି । ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ଉଦ୍ୟକ୍ତା ଅଶୋକ ପାତ୍ର ଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସକାଶେ ଆୟୋଜନ କରିଥିବାରୁ ଜିଲ୍ଲାର ପ୍ରାକ୍ତନ କ୍ରୀଡାବିତ୍ ମାନେ ଶ୍ରୀ ପାତ୍ରଙ୍କ ଏହି ଅଭିନବ ପ୍ରୟାସ ପାଇଁ ସାଧୁବାଦ୍ ଜଣାଇ ଛନ୍ତି । ଆଜିର ଉଦଘାଟନୀ ମ୍ୟାଚରେ ରେଫରି ଭାବରେ ଲାଲୁ ହରିଜନ, ଲାଇନ୍ ରେଫେରି ଭାବରେ ଚନ୍ଦନ ଗରଡା, ବିଜୟ ନାୟକ ପରିଚାଳନା କରିଥିବା ବେଳେ ପ୍ରଥମ ଥର ପାଇଁ ମହିଳା ରେଫରୀ ଭାବରେ ରାଇଲା ଭତରା ଏବଂ ଆରତୀ ହରିଜନ ସହଯୋଗ କରିଥିଲେ । ଫୁଟବଲ୍ ଖେଳ ଦେଖିବାକୁ ଆଖ ପାଖ ଅଞ୍ଚଳରୁ ଅନେକ ଦର୍ଶକ ଉପସ୍ଥିତ ଥିଲେ ।

ଆଞ୍ଚଳିକ ମୁହୂର୍ତ୍ତ

ମଙ୍ଗଳବାର, ୦୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର Tuesday, 09 Sept. 2025, Bhubaneswar





# ୟୁକୋ ବ୍ୟାଙ୍କର କୃଷି, ଏମ୍ଏସ୍ଏମ୍ଇ ଓ କାସା ମହୋତ୍ସବ



ଭୁବନେଶ୍ୱର,୮।୯ (ନି.ପ୍ର) : ୟୁକୋ ବ୍ୟାଙ୍କ, ଅଞ୍ଚଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ କୃଷି, ଏମ୍ଏସ୍ଏମ୍ଇ ଓ କାସା ମହୋତ୍ସବ ଖୋର୍ଦ୍ଧାର ଆର୍ ଆର୍ କନ୍ଭେନ୍ସନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍ଏସ୍ଏମ୍ଇ, କୃଷି ଗ୍ରାହକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବ୍ୟାଙ୍କ ମିତ୍ରମାନେ ଯୋଗଦେଇଥିଲେ। ଏହି ଅବସରରେ କୋଲକାତା ପ୍ରଧାନ କାର୍ଯ୍ୟାଳୟରୁ ମହାପ୍ରବନ୍ଧକ ଅଙ୍କିତ ରାଣା ଏବଂ ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଭଗବତ ସିଂ ଭାକୁନି ଉପସ୍ଥିତ ଥିଲେ। ଭଗବତ ସିଂ ଭାକୁନି କାର୍ଯ୍ୟକ୍ରମର ବିଶିଷ୍ଟ ବ୍ୟକ୍ତି ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଭାକୁନି ନାଗରିକମାନଙ୍କ ଉନ୍ନତି ବିଶେଷ କରି ମହିଳା ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନଙ୍କର ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇଁ ଏସ୍ଏଚ୍ଜିଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଅଙ୍କିତ ରାଣା ଅଂଶଗ୍ରହଣକାରୀ ଏବଂ ଗ୍ରାହକଙ୍କୁ ବ୍ୟାଙ୍କ ସହ ସେମାନଙ୍କ ଦୀର୍ଘକାଳୀନ ସମ୍ପର୍କ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଉନ୍ନତ ଗ୍ରାହକ ସେବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ବ୍ୟାଙ୍କ ଦ୍ୱାରା ନୂତନ ଭାବେ ଆରମ୍ଭ କରାଯାଇଥିବା କୃଷି, ଏମ୍ଏସ୍ଏମ୍ଇ ଓ କାସା ଉତ୍ପାଦ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ୟାଙ୍କର ନୂତନ ଭାବେ ଆରମ୍ଭ ହୋଇଥିବା ଉତ୍ପାଦ ଯଥା: ୟୁକୋ ଫାର୍ମା ଗ୍ରୋଥ୍ , ନାରୀ ସମ୍ମାନ ଏବଂ ଯୁବ ଶକ୍ତି ଆଦିର ଉପସ୍ଥାପନ କରାଯାଇଥିଲା। ୟୁକୋ ଅଭିନନ୍ଦନ, କଣ୍ଟ୍ରାକ୍ଟର ଏବଂ ଟ୍ରେଡର ଭଳି ପ୍ରମୁଖ ଉତ୍ପାଦର ଲାଭ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ବୁଝାଯାଇଥିଲା। ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦ ଯଥାକୃଷି ବିଭାଗର ୟୁକୋ ଅମୃତ ଧାରା, ଏଆଇଏଫ୍, ପିଏମ୍ଏଫ୍ଏମ୍ଇ ଏବଂ ଅନ୍ୟାନ୍ୟ କୃଷି ଯୋଜନାଗୁଡ଼ିକ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ୟୁକୋ ବ୍ୟାଙ୍କର ପ୍ରମୁଖ ରିସୋର୍ସ ଉତ୍ପାଦଗୁଡ଼ିକ ଯଥା: ୟୁକୋ ୟୁନିକ, ୟୁକୋ ରୟାଲ ଏବଂ ୟୁକୋ ପ୍ରିଭିଲେଜ୍ ଆଦି ଉପରେ ଆଲୋକପାତ କରାଯାଇଥିଲା। ମହିଳା ସଶକ୍ତିକରଣ ଦିଗରେ ଉଦ୍ଦିଷ୍ଟ ପିଙ୍କ ବାସ୍କେଟ୍ ଉତ୍ପାଦଗୁଡ଼ିକ ଯଥା: ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ ଓ ୟୁକୋ ସଞ୍ଚୟିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ମହୋତ୍ସବରେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଉପ-ଅଞ୍ଚଳ ମୁଖ୍ୟ କୃଷ୍ଣପାଲ ସିଂ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆଦାନୀ ୱେଲନେସ୍ ସେଣ୍ଟର ଫିଜିଓଥେରାପି ଚିକିତ୍ସା ଧୈର୍ଯ୍ୟ ଓ ଉଦ୍ୟମର ଦୁଇଟି ସଫଳ କାହାଣୀ

ଧାମରା,୮।୯ (ନି.ପ୍ର) : ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କୃଷ୍ଣପୁର ଗ୍ରାମର ୩୪ ବର୍ଷୀୟ ସୁବଳ ଜେନା ୨୦୨୪ ଅକ୍ଟୋବର ମାସରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଚଳନ୍ତା ଟ୍ରେନରୁ ଖସିପଡ଼ି ସୁବଳଙ୍କ କହୁଣୀରେ ଗଭୀର ଆଘାତ ଲାଗିଥିଲା । ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା, ଯେଉଁଠାରେ ତାଙ୍କର ପ୍ରାରମ୍ଭିକ ଚିକିତ୍ସା ସମେତ ଏକ୍ସ-ରେ କରାଯାଇଥିଲା । ସମସ୍ତ ପ୍ରକାର ଚିକିତ୍ସା ତଥା ଔଷଧ ସେବନ ପରେ ମଧ୍ୟ ତାଙ୍କ କହୁଣୀର ଗତିବିଧିରେ କୌଣସି ପରିବର୍ତ୍ତନ ଆସିନଥିଲା । ପରେ ପରେ, କହୁଣୀର ଏକ ଜଟିଳ ଅସ୍ତ୍ରୋପଚାର କରାଯାଇ ପ୍ଲେଟ୍ ଓ ସ୍କ୍ରୁ ଲଗାଯାଇଥିଲା । ଅସ୍ତ୍ରୋପଚାର ସଫଳ ହୋଇଥିଲେ ମଧ୍ୟ କହୁଣୀ ଭାଙ୍ଗିବା ଓ ସିଧା କରିବା କଷ୍ଟକର ହୋଇପଡ଼ିଥିଲା । ଯନ୍ତ୍ରଣା ଓ ଅଚଳତା ତାଙ୍କୁ ଏକ ପ୍ରକାର ଅସହାୟ କରିଦେବା ସହ ନିଜ ଭବିଷ୍ୟତକୁ ନେଇ ସେ ଚିନ୍ତିତ ହୋଇପଡ଼ିଥିଲେ ।

ସୀମିତ ଆର୍ଥିକ ସମ୍ବଳ ଏବଂ ବଢୁଥିବା ମାନସିକ ଯନ୍ତ୍ରଣା ସହିତ, ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଆଦାନୀ ୱେଲନେସ୍ ଫିଜିଓଥେରାପି କେନ୍ଦ୍ର ବିଷୟରେ ସୁବଳ ଜାଣିବାକୁ ପାଇଲେ । ଅନେକ ଆଶା ଓ ଆକାଂକ୍ଷା ନେଇ ସେ କେନ୍ଦ୍ର ସହିତ ଯୋଗାଯୋଗ କଲେ ଏବଂ ତାଙ୍କୁ ୨୦ ଦିନିଆ ଫିଜିଓଥେରାପି କରିବା ପାଇଁ ପରାମର୍ଶ ଦିଆଗଲା । ଫିଜିଓଥେରାପି ଅଧିବେଶନଗୁଡ଼ିକରେ ଷ୍ଟ୍ରେଚିଂ, ନରମ ଟିସୁ ରିଲିଜ୍, କହୁଣୀକୁ ଶକ୍ତିଶାଳୀ କରିବା ପାଇଁ ଥେରା ବ୍ୟାଣ୍ଡ ବ୍ୟାୟାମ, ସ୍ପଞ୍ଜ ବଲ୍ ଏବଂ ଆଙ୍ଗୁଠି ଧରିବା ବ୍ୟାୟାମ, ଜଏଣ୍ଟ ଗତିଶୀଳତା ଆଦି କୌଶଳ ଅନ୍ତର୍ଭୁକ୍ତ ଥିଲା । ପ୍ରତିଦିନର ଏହି ବ୍ୟାୟାମଗୁଡ଼ିକ କହୁଣୀରେ ଧିରେ ଧିରେ କ୍ରିୟାଶୀଳ ହେବାରେ ସକ୍ଷମ ହୋଇପାରିଲା । ଫିଜିଓଥେରାପି ଦଳର ଅନୁକମ୍ପାମୂଳକ ଯତ୍ନ ଏବଂ ପ୍ରୋତ୍ସାହନ ସହିତ, ସୁବଳ ତାଙ୍କ କହୁଣୀରେ ଶକ୍ତି ଓ ଗତି ଫେରିପାଇଥିଲେ । ବର୍ତ୍ତମାନ ଫିଜିଓଥେରାପି ଚିକିତ୍ସାର ସମ୍ପୂର୍ଣ୍ଣ କୋର୍ସ ଶେଷ ହେବା ପରେ ସୁବଳ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି ଓ ଯନ୍ତ୍ରଣାମୁକ୍ତ ଭାବେ ଦୈନନ୍ଦିନ କାର୍ଯ୍ୟ କରିପାରୁଛନ୍ତି । ଆହତ ରୁ ସୁସ୍ଥତା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ତାଙ୍କର ସ୍ଥିରତା ଏବଂ ତାଙ୍କୁ ମିଳିଥିବା ଜୀବନ ପରିବର୍ତ୍ତନକାରୀ ସମର୍ଥନର ପ୍ରମାଣ ।



ସେହିପରି ଚାନ୍ଦବାଲି ବ୍ଲକ ଗୌରପ୍ରସାଦ ଗ୍ରାମର ୫୭ ବର୍ଷୀୟ ଭାବଶଙ୍କର ଭୂୟାଁ ୨ ବର୍ଷ ପୂର୍ବେ ଏକ ସଡକ ଦୁର୍ଘଟଣାରେ ତାଙ୍କ କାନ୍ଧର ଉପର ଭାଗରେ ଭୀଷଣ ଆଘାତ ଲାଗିଥିଲା । ପ୍ରାଥମିକ ଚିକିତ୍ସା ଓ ଅସ୍ତ୍ରୋପଚାର ପରେ ହାତ ଠିକ୍ ଭାବେ କ୍ରୀୟାଶୀଳ କରି ପାରୁନଥିଲେ । କିଛି ମାସ ଓଲଟପୁର ଠାରେ ଫିଜିଓଥେରାପି ଚିକିତ୍ସା ନେଇଥିଲେ ମଧ୍ୟ ଆର୍ଥିକ ସମସ୍ୟା ଯୋଗୁ ତାଙ୍କୁ ଉକ୍ତ ଚିକିତ୍ସା ବନ୍ଦ କରିବାକୁ ପଡ଼ିଲା । ଦୈନନ୍ଦିନ କାର୍ଯ୍ୟ କରିବାରେ ମଧ୍ୟ ଅସମର୍ଥ ଥିଲେ । ପରେ ଆଦାନୀ ୱେଲନେସ୍ ସେଣ୍ଟର ବିଷୟରେ ଶୁଣି ନୂତନ ଆଶା ନେଇ ସେ ୩୦ ଦିନିଆ ଚିକିତ୍ସା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ୱେଲନେସ୍ର ଫିଜିଓଥେରାପି ଚିକିତ୍ସାରେ କାନ୍ଧ ଆଇସୋମେଟ୍ରିକ୍ସ, ଘୂର୍ଣ୍ଣନ ଗତିବିଧି, ହାତ ଚକ ଏବଂ ଆଙ୍ଗୁଠି ବ୍ୟାୟାମ, ଥେରା ବ୍ୟାଣ୍ଡ ବ୍ୟାୟାମ, କଡମ୍ୟାନ୍ ପେଣ୍ଡୁଲମ୍ ବ୍ୟାୟାମ ଆଦି ଅନ୍ତର୍ଭୁକ୍ତ ଥିଲା । ଦିନକୁ ଦିନ ଏହି ବ୍ୟାୟାମଗୁଡ଼ିକର ଫଳାଫଳ ଦେଖିବାକୁ ମିଳିଲା ଏବଂ ଭାବଶଙ୍କର ନିଜ କାନ୍ଧରେ ପୁନର୍ବାର ଶକ୍ତି ଫେରିପାଇବା ସହ ନିଜ କାର୍ଯ୍ୟ ନିଜେ କରିବାକୁ ସମର୍ଥ ହୋଇ ପାରିଛନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହେବାର ଆଶା ହରାଇ ବସିଥିବା ବେଳେ, ଆଦାନୀ ୱେଲନେସ୍ ସେଣ୍ଟର ତାଙ୍କୁ ନୂତନ ଜୀବନଦାନ ଦେଇଥିବାରୁ ଆନ୍ତରିକତାର ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ଭାବଶଙ୍କର ।

# ଉବଲ୍ ଡିସପ୍ଲେ ସବୁଠାରୁ ବଡ଼ ଟେଲିଭିଜନ ସହିତ ଇତିହାସ ସୃଷ୍ଟି କରିଛି

ନୂଆଦିଲ୍ଲୀ,୮।୯ ଇଣ୍ଡକାଲ ଟେକ୍ନୋଲୋଜିର ଇନ-ହାଉସ୍ ଟେକ୍ନୋଲୋଜି ବ୍ରାଣ୍ଡ ଉବଲ୍ ଡିସପ୍ଲେ; ଆଜି ମାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ ଗୁଗଲ୍ ଟିଭି ୫.୦ ଲଞ୍ଚ ଘୋଷଣା କରିଛି, ଯାହା ଆଜି ପର୍ଯ୍ୟନ୍ତ ଭାରତର ସବୁଠାରୁ ବଡ଼ ଗ୍ରାହକ ଟେଲିଭିଜନ ଭାବରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ଚମତ୍କାର ଓ ଅନ୍ୟ ବ୍ରାଣ୍ଡଗୁଡ଼ିକ ତୁଳନାରେ ପ୍ରଦର୍ଶନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗବେଷଣା ଏବଂ ନବସୃଜନରେ ଉବଲ୍ ଡିସପ୍ଲେର ଶକ୍ତି ପ୍ରଦର୍ଶନ କରେ। ସମ୍ପୂର୍ଣ୍ଣ ଭାବରେ ଆନ୍ତର୍ଜାତୀୟ ବ୍ରାଣ୍ଡ ଦ୍ୱାରା ପ୍ରଭାବିତ ଏକ ସେଗମେଣ୍ଟରେ ଏହା ଏକ ଭାରତୀୟ କମ୍ପାନୀ ପାଇଁ ଏକ ଅନନ୍ୟ ସଫଳତା।

ମ୍ୟାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ ଟିଭି ଭାରତୀୟ ଘରୋଇ ମନୋରଞ୍ଜନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଉଦାହରଣ ସୃଷ୍ଟି କରେ, ଏହି ବିଶାଳ ଆକାରରେ ଭାରତର ପ୍ରଥମ କ୍ୟୁଏଲଇଡି + ମିନି ଏଲଇଡି ଡିସପ୍ଲେ ପ୍ରଯୁକ୍ତିବିଦ୍ୟାକୁ ପ୍ରଦର୍ଶିତ କରେ, ଯାହା ଉବଲ୍ ଡିସପ୍ଲେକୁ ୧୧୬.୫ ଇଞ୍ଚରେ ଉନ୍ନତ କ୍ୱାଣ୍ଟମ୍ ଡଟ୍ କଲର ସଠିକତା ସହିତ ସଠିକ୍ ମିନି-ଏଲଇଡି ବ୍ୟାକଲାଇଟିଂ ମିଶ୍ରଣ କରିବାରେ ଅଗ୍ରଣୀ କରିଥାଏ ଏବଂ ଏହି ସ୍କେଲରେ ଆଣ୍ଡ୍ରଏଡ୍ ୧୪ ସହିତ ନୂତନତମ ଗୁଗଲ୍ ଟିଭି ୫.୦ ଓଏସ ଡେବ୍ୟୁ କରିଛି ଯାହା ଅଭୂତପୂର୍ବ ସ୍ମାର୍ଟ କ୍ଷମତା ଏବଂ ସିମଲେସ୍ କଣ୍ଟେଣ୍ଟ ଇଣ୍ଟିଗ୍ରେସନ୍ ପାଇଁ ଲିଭିଙ୍ଗ୍ ରୁମ୍କୁ ପ୍ରିମିୟମ୍ ମନୋରଞ୍ଜନ ଗନ୍ତବ୍ୟସ୍ଥଳରେ ପରିଣତ କରିଥାଏ। ଦୁଇଟି ଉତ୍ସର୍ଗୀକୃତ ଉଫର୍ସ ସହିତ ଏକ ୨୪୦ ଡବ୍ଲୁ ୬.୨.୨-ଚ୍ୟାନେଲ୍ ଆରେ ଦ୍ୱାରା ପରିଚାଳିତ, ମ୍ୟାକ୍ସିମସ୍ ସେହି ଆକର୍ଷଣୀୟ ଦୃଶ୍ୟକୁ ଉଚ୍ଚ, ଥିଏଟର-ଗ୍ରେଡ୍ ନିମଜ୍ଜନ ସହିତ ଉଚ୍ଚ କରିଥାଏ - ବିସ୍ତାରିତ ଗତିଶୀଳତା, ସ୍ଫଟିକ-ସ୍ୱଚ୍ଛ ବିବରଣୀ, ଏବଂ ଆବରଣୀୟ, ତ୍ରି-ପରିମାଣୀୟ ଶବ୍ଦ ଯାହା ଘରେ ସିନେମା ଅଭିଜ୍ଞତାକୁ ବୃଦ୍ଧି କରେ।




'ଆଜି ଭାରତୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଚିହ୍ନିତ କରେ,' ଇଣ୍ଡକାଲ ଟେକ୍ନୋଲୋଜିର ସିଇଓ ଆନନ୍ଦ ଦୁବେ କହିଛନ୍ତି। 'ମାକ୍ସିମସ୍ ସିରିଜ୍ ୧୧୬.୫-ଇଞ୍ଚ କେବଳ ଭାରତର ସବୁଠାରୁ ବଡ଼ ଟିଭି ନୁହେଁ - ଏହା ଭାରତୀୟ ଗ୍ରାହକଙ୍କ ପାଇଁ ସ୍ଥିର ମାନଦଣ୍ଡକୁ ଚ୍ୟାଲେଞ୍ଜ କରିବା ଏବଂ ଦୃଶ୍ୟ ଏବଂ ଅଡିଓ ଗଭୀରତାର ମାନଦଣ୍ଡ ଭାବରେ ଉନ୍ନତ କରିବାର ଆମର ଦୃଷ୍ଟିକୋଣର ପ୍ରମାଣ। ଆମେ କେବଳ ଏକ ଉତ୍ପାଦ ଲଞ୍ଚ କରୁନାହୁଁ; ଆମେ ବିଶ୍ୱର ସବୁଠାରୁ ଉନ୍ନତ ସିନେମା ଅଭିଜ୍ଞତା ସହିତ ପ୍ରତିଦ୍ୱନ୍ଦ୍ୱୀତା କରୁଥିବା ମନମୁଗ୍ଧକର ଘରୋଇ ମନୋରଞ୍ଜନର ଏକ ନୂତନ ଯୁଗର ଶୁଭାରମ୍ଭ କରୁଛୁ।'

ମାକ୍ସିମସ୍ ସିରିଜ୍ ଆଣ୍ଡ୍ରଏଡ୍ ୧୪ ଦ୍ୱାରା ପରିଚାଳିତ ଗୁଗୁଲ୍ ଟିଭି ୫.୦ ସହିତ ସଫଳତାର ସହିତ କ୍ୟୁଏଲଇଡି + ମିନି ଏଲଇଡି ଡିସପ୍ଲେ ପ୍ରଯୁକ୍ତିବିଦ୍ୟାକୁ ମିଶ୍ରଣ କରେ, ଏକ ଅତୁଳନୀୟ ଦେଖିବା ଇକୋସିଷ୍ଟମ୍ ପ୍ରଦାନ କରେ। ଡିସପ୍ଲେଟି ୨୦୦୦ ନିଟ୍ସର ଏକ ଚମତ୍କାର ଶିଖର ଉଜ୍ଜ୍ୱଳତା ହାସଲ କରେ - ଭାରତୀୟ ବଜାରରେ ଉପଲବ୍ଧ ଅଧିକାଂଶ ପ୍ରିମିୟମ୍ ଟିଭିକୁ ଅତିକ୍ରମ କରି - ସିନେମାଟିକ୍ ଅଡିଓ-ଭିଜୁଆଲ୍ ଅଭିଜ୍ଞତା ପାଇଁ ଡଲବି ଭିଜୁଆଲ୍ ଆଟମୋସ୍ ସମର୍ଥନ ସହିତ ଅସାଧାରଣ ଏଚଡିଆର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ। ଟେଲିଭିଜନର ୪କେ ୧୪୪ ଏଚଜେଡ୍ ନେଟିଭ୍ ରିଫ୍ରେସ୍ ରେଟ୍ କ୍ଷମତା ଏହାକୁ ସର୍ବୋତ୍ତମ ଗେମିଂ ଡିସପ୍ଲେ ଭାବରେ ସ୍ଥାନିତ କରେ, ପରବର୍ତ୍ତୀ ପିଢ଼ିର କନସୋଲ୍ ଗେମିଂ ଏବଂ ପିସି ସଂଯୋଗକୁ ଲିକ୍ୟୁଇଡ୍, ଲାଗ୍-ମୁକ୍ତ କାର୍ଯ୍ୟଦକ୍ଷତା ସହିତ ସମର୍ଥନ କରେ ଯାହା ବୃତ୍ତିଗତ ଗେମରମାନେ ଚାହାଁନ୍ତି।

# ଜେସିବି ଇଣ୍ଡିଆ ଲିମିଟେଡର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ

ଭୁବନେଶ୍ୱର,୮।୯ (ନି.ପ୍ର) : ଜେସିବି ଇଣ୍ଡିଆ ଲିମିଟେଡର ନୂତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍ଟି ଉପରେ ନିଜର ମତ ଦେଇ କହିଛନ୍ତି ଯେ, "ଆଗକୁ ଦେଖାଯାଉଥିବା ଜିଏସଟି ସଂସ୍କାରକୁ ଆମେ ସ୍ୱାଗତ କରୁଛୁ। ୨ ହାରର ଜିଏସଟି ଢାଂଚାକୁ ସରଳ କରିବା ଏବଂ ଓଲଟା ଶୁଳ୍କ ସମସ୍ୟାର ସମାଧାନ କରିବା ଦ୍ୱାରା ବ୍ୟବସାୟ କରିବାରେ ସହଜତା ଆସିବ । ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସଟି ଖର୍ଚ୍ଚ ହ୍ରାସ କରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ । ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିର୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହିତ ସମନ୍ୱିତ । ଉଭୟ କ୍ଷେତ୍ରରେ ଜେସିବି ମେସିନର ବହୁତ ଅବଦାନ ରହିଛି।"

# ଏମଏସ୍ଏମଇ ସମ୍ମିଳନୀ ଓ ହସ୍ତତନ୍ତ ପ୍ରଦର୍ଶନୀ

ଭୁବେନଶ୍ୱର : ଭୁବେନଶ୍ୱରେର ୨୦୨୫ ସେପ୍ଟମ୍ବର ୧୨ ଓ ୧୩ ତାରିଖେର ଏଫଏଲ୍ଓ ବଜାର ଅାୟୋଜିତ ହେବାକୁ ଯାଉଛି ଏବଂ ଏହା ମେଫୟାର କନଭେନସନ୍ରେ ପୂର୍ବାହ୍ନ ୧୦ଟାରୁ ଚାଲିବ। ବହୁ ପ୍ରତୀକ୍ଷିତ ଏହି କାର୍ଯ୍ୟକ୍ରମେର ମହିଳା ଉେଦ୍ୟାଗୀମାନଙ୍କର ସୃଜନଶୀଳତା, ନବସୃଜନ ଏବଂ ମଜଭୁତପଣ ପ୍ରଦର୍ଶିତ ହେବ, ଯାହା କ୍ରେତାମାନଙ୍କୁ ଫାଶନ, ସୌନ୍ଦର୍ଯ୍ୟ, ଲାଇଫଷ୍ଟାଇଲ, ଗହଣା, ୱେଲନେସ୍ ଏବଂ ହୋମ୍ ଡେକୋର ଆଦି ବହୁବିଧ କ୍ଷେେତ୍ରର ଅନନ୍ୟ ଉତ୍ପାଦଗୁଡିକ ଦେଖିବାକୁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇେଦଉଛି।



ଫାଲ୍କନ ରିଅଲ ଇେଷ୍ଟଟ ଏବଂ କାସିର୍ନୋଭା କ୍ୟାନସର ହସପିଟାଲ ପ୍ରାେୟାଜକତା ତଥା ଏସଏନ୍ ମହାନ୍ତି ଗ୍ରୁପ୍ ଅଫ କମ୍ପାନିଜ ଓ ଡୁରାମିକ୍ସର ସହ-ପ୍ରାେୟାଜକତାେର ଏଫଏଲ୍ଓ ବଜାରକୁ ଶେରା ପ୍ରପର୍ଟିଜ, ଏମ୍ଜିଏମ୍ ଗ୍ରୀନ ଏନର୍ଜି, ଲାକ୍ମି ଏକାଡେମୀ କଟକ, ୱଣ୍ଡର ୱାର୍ଲଡ ୱାଟର ପାର୍କ, ଭାରତ ଆଡଭର୍ଟାଇଜର୍ସ ଏବଂ କଳିଙ୍ଗ ଏଫଏମ୍ ୧୦୪ ସମଥର୍ନ ଯୋଗାଇ ଦେଉଛନ୍ତି।

ଏଥିେର ସ୍ଥାନ ପାଉଥିବା ଷ୍ଟଲଗୁଡିକ ମଧ୍ୟେର ରହିଛି ଜିଭାଡା, ରୋଜ୍ ନିଟ୍, କୁନ୍ସ୍, ଥ୍ରେଡ ସହିତା, ପିକ୍ସି ଥ୍ରେଡସ୍, ରିଲାଏନ୍ସ ଜୁଏଲସ୍, ଟାମିକନ୍, ସୋଲେସ୍ୱଶ୍ କ୍ରିଏସନ, ଲିଲ୍ଗ୍ଲାମ୍, ଲେବଲ ଅସ୍ମିତ, ରିମ୍ଲି ଡିଜାଇନ ଷ୍ଟୁଡିଓ, ସଂସ୍କୃତି, ଦି ଲୋକୋ କ୍ରିଏସନ, ଦୀପଶିଖା, କେସି କେଲକ୍ସନ, ନିୟୁ ନିଟିଂ, ହୁଲହୁଲିହୁଲି ଏବଂ ଆହୁରି ଅେନକ।

"ଏଫଏଲ୍ଓ ବଜାର ଜୀବିକାକୁ ସମଥର୍ନ କରିବା ସହିତ ସ୍ୱରଗୁଡିକୁ ଶାଣିତ କରୁଛି ଏବଂ ମହିଳାଙ୍କ ନେତୃତ୍ୱେର ପରିଚାଳିତ ଉେଦ୍ୟାଗଗୁଡିକୁ ନେଇ ଆନନ୍ଦ ମନାଉଛି ଯାହା ସଫଳତାକୁ ପୁନଃଭାଷିତ କରୁଛି," ବୋଲି ଡଃ. ପ୍ରଜ୍ଞା ପାରମିତା ମିଶ୍ର, ଚେୟାରପସର୍ନ ଏଫଏଲ୍ଓ ଭୁବେନଶ୍ୱର (୨୦୨୫-୨୬) କହିଛନ୍ତି।

# ଆକ୍ସିଓର ଅଧିଗ୍ରହଣ ସମ୍ପୂର୍ଣ୍ଣ କରିଛି ଆମାଜନ

ଭୁବନେଶ୍ୱର,୮।୯ : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଠାରୁ ନିୟାମକୀୟ ଅନୁମୋଦନ ପାଇବା ପରେ ଆମାଜନ ପକ୍ଷରୁ ଭାରତରେ ଏକ ଅଗ୍ରଣୀ ଡିଜିଟାଲ ଋଣ ଓ ଚେକଆଉଟ ଫାଇନାନ୍ସ ପ୍ରଦାନକାରୀ ସଂସ୍ଥା ଆକ୍ସିଓ (ପୂର୍ବତନ ନାମ କ୍ୟାପିଟାଲ ଫ୍ଲୋଟ)ର ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଭାରତରେ ଆମାଜନର ଅନ୍ୟତମ ସର୍ବବୃହତ ଅଧିଗ୍ରହଣ ଭାବେ ଏହା ଭାରତରେ ନିଜର ଆର୍ଥିକ ସେବାକୁ ବିସ୍ତାର କରିବା ପାଇଁ ଆମାଜନର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ସଫଳତାକୁ ଚିହ୍ନିତ କରୁଛି। ଏହି ଅଧିଗ୍ରହଣ ଆକ୍ସିଓ ସହ ଆମାଜନର ବର୍ତ୍ତମାନର ସହଭାଗିତା ଉପରେ ଆଧାରିତ, ଯାହା ୬ ବର୍ଷରୁ ଅଧିକ ସମୟ ହେବ ଭାରତରେ ଆମାଜନ ପେ' ପାଇଁ ବାୟ ନାଓ ପେ ଲ୍ୟାଟର ସେବାକୁ କାର୍ଯ୍ୟକାରୀ କରିଆସୁଛି। ଆକ୍ସିଓ , ଆମାଜନର ଏକ ସହାୟକ ସଂସ୍ଥା ଭାବେ ସମନ୍ୱିତ ହେବା ସହିତ ନିଜର ବର୍ତ୍ତମାନର ଲିଡରସିପ ଟିମ ଅଧିନରେ ପରିଚାଳନା ଜାରି ରଖିବ। ସେହିପରି ଏହି ଅଧିଗ୍ରହଣ ଆମାଜନ ପେ ଲାଟରର ଚେକଆଉଟ ଫାଇନାନ୍ସ ଓ ଟର୍ମ ଲୋକ କ୍ଷମତାକୁ ଉନ୍ନତ କରିବ ଏବଂ ଭାରତରେ ଡିଜିଟାଲ ଋଣ ସେବା କ୍ଷେତ୍ରରେ ଉଦ୍ଭାବନ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଏହି ଅଧିଗ୍ରହଣ ସମ୍ପର୍କରେ ପେମେଂଟ୍ସ ଆମାଜନର ଭିପି ମହେନ୍ଦ୍ର ନେରୁରକର କହିଛନ୍ତି, "ଗତ ୬ ବର୍ଷ ମଧ୍ୟରେ ଆକ୍ସିଓ ସହ ଆମର ସହଭାଗିତା ଆମକୁ ୧୦ ମିଲିୟନରୁ ଅଧିକ ଗ୍ରାହକଙ୍କ ପାଇଁ ଋଣ ସୁବିଧା ପ୍ରଦାନ କରିବା ଲାଗି ଆମକୁ ସକ୍ଷମ କରିଛି। ଆମାଜନର ପହଂଚ, ବୈଷୟିକ ଜ୍ଞାନ ଓ ବ୍ୟାଙ୍କ ସମ୍ପର୍କ ସହ ଏକତ୍ରିତ ହୋଇ ଆକ୍ସିଓର ଡିଜିଟାଲ ଋଣ ବିଶେଷଜ୍ଞତା ଆମକୁ ଆଗାମୀ ବର୍ଷଗୁଡିକରେ ଲକ୍ଷ ଲକ୍ଷ ନୂଆ ଗ୍ରାହକ ଓ କ୍ଷୁଦ୍ର ବ୍ୟବସାୟଗୁଡ଼ିକୁ ଋଣ ପ୍ରଦାନ କରିବା ପାଇଁ ବିସ୍ତାର ହେବାରେ ସାହାଯ୍ୟ କରିବ।" ସେହିପରି ଆକ୍ସିଓର ସହ ପ୍ରତିଷ୍ଠାତା ଶଶାଙ୍କ ରିଷ୍ୟାଶ୍ରିଙ୍ଗା ଓ ଗୌରବ ହିନ୍ଦୁଜା କହିଛନ୍ତି, "ଆମାଜନ ସହ ହାତ ମିଳାଇବା ଆକ୍ସିଓ ପାଇଁ ଏକ ଉତ୍ସାହଜନକ ନୂତନ ଅଧ୍ୟାୟକୁ ଚିହ୍ନିତ କରିଛି। ଆମାଜନର ପହଂଚ, ଗ୍ରାହକ କେନ୍ଦ୍ରିକତା ଓ ବାଲାନ୍ସ ସିଟ ବ୍ୟାପକତା ସହ ଆମେ ଡିଜିଟାଲ ଋଣକୁ ପରବର୍ତ୍ତୀ ୧୦୦ ମିଲିୟନ ଭାରତୀୟଙ୍କ ନିକଟରେ ପହଂଚାଇବା ପାଇଁ ସୁବ୍ୟବସ୍ଥିତ ରହିଛୁ।

# ଟାଇମ୍ସ ବିଜିନେସ୍ ଆୱାର୍ଡ ବିହାରରେ ସୋଆ ଏବଂ ଆଇଟିଇଆର ସମ୍ମାନିତ

ଭୁବନେଶ୍ୱର,୮।୯ (ନି.ପ୍ର) : ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଏବଂ ଶିଳ୍ପ କ୍ଷେତ୍ର ନିମନ୍ତେ ପ୍ରସ୍ତୁତିକୁ ନେଇ 'ପୂର୍ବ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ' ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ପାଟନା ଠାରେ ଆୟୋଜିତ ଟାଇମ୍ସ ବିଜିନେସ୍ ଆୱାର୍ଡ୍ସ ୨୦୨୫ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ସୋଆକୁ 'ଇଷ୍ଟର୍ଣ୍ଣ ଇଣ୍ଡିଆଜ୍ ପ୍ରିମିୟର ୟୁନିଭର୍ସିଟି ଫର ରିସର୍ଚ୍ଚ ଏକ୍ସିଲେନ୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ରେଡିନେସ୍' ଭାବେ ସମ୍ମାନିତ କରାଯାଇଥିଲା। ଉଦ୍ଭାବନ, ଶୈକ୍ଷିକ ଉତ୍କର୍ଷତା ଏବଂ ଶିଳ୍ପ ଭିତିକ ଶିକ୍ଷାକୁ ନେଇ ସୋଆର କାର୍ଯ୍ୟଧାରା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ଟାଇମ୍ସ ବିଜିନେସ୍ ଆୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏଥି ସହିତ ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରତିପାଦିତ କରିବା, ଗବେଷଣାକୁ ଗୁରୁତ୍ୱ ଦେବା ସହ ଶିଳ୍ପ କ୍ଷେତ୍ର ନିମନ୍ତେ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରୁଥିବା ବେଳେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଆଇଟିଇଆରର ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିବା ପରିପ୍ରେକ୍ଷୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଠାରୁ ଏହି ଦୁଇଟି ସମ୍ମାନ ଗ୍ରହଣ କରିଥିଲେ।



# ରାଧେ ରାଧେ ନାମକ ଏଫଏନ୍ପି ଫ୍ରାଞ୍ଚାଇଜ୍ର ଭବ୍ୟ ଉଦ୍ଘାଟନ

ଭୁବନେଶ୍ୱର,୮।୯ (ନି.ପ୍ର) : ଭାରତର ସବୁଠାରୁ ବଡ ଗିଫ୍ଟିଂ, ଫୁଲ ଓ କେକ୍ ବ୍ରାଣ୍ଡ ଏଫଏନ୍ପି ଏବେ ଭୁବନେଶ୍ୱରରେ ତାଙ୍କର ନୂତନ ଫ୍ରାଞ୍ଚାଇଜ୍ "ରାଧେ ରାଧେ" ଆରମ୍ଭ କରିଛି । ଏହି ଦୋକାନ ପଟିଆ ଛକ ପାଣ୍ଟାଲୁନ୍ସ ବିଲ୍ଡିଂ, ଗ୍ରାଉଣ୍ଡ ଫ୍ଲୋରରେ ଅବସ୍ଥିତ ଏବଂ ଶନିବାର ଦିନ ଗ୍ରାହକ, ସହଭାଗୀ ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ଉଦ୍ଘାଟନ ହୋଇଥିଲା । ଭାରତରେ ୪୦୦ରୁ ଅଧିକ ଆଉଟଲେଟ ଓ ଆନ୍ତର୍ଜାତୀୟ ସ୍ତରରେ କାରୋବାର କରୁଥିବା ଏଫଏନ୍ପି ତରୋତାଜା ଫୁଲ, ଡିଜାଇନ୍ କେକ୍ ଓ ପ୍ରିମିୟମ ଗିଫ୍ଟ ପାଇଁ ପରିଚିତ ।

ଭୁବନେଶ୍ୱରର ଏହି ଫ୍ରାଞ୍ଚାଇଜଟିକୁ ନମନ ଅଗ୍ରୱାଲ ପରିଚାଳନା କରିବେ ।



ସେ କହିଲେ- ରାଧେ ରାଧେ ମାଧ୍ୟମରେ ଏଫ୍ଏନ୍ପିଙ୍କର ବିଶ୍ୱସନୀୟ ସେବାଗୁଡିକୁ ଏବେ ଭୁବନେଶ୍ୱରରେ ଆଣିବାକୁ ଆମେ ଖୁସି । ଏହା ଗ୍ରାହକଙ୍କ ପାଇଁ ପ୍ରତ୍ୟେକ ଅବସରରେ ବିଶ୍ୱସ୍ତରୀୟ ଫୁଲ, କେକ୍ ଓ ଉପହାର ପ୍ରଦାନ କରିବ । ଉଦ୍ଘାଟନ ଅବସରରେ ପରିବାରର ସଦସ୍ୟମାନେ କୌଶଲ୍ୟା ଦେବୀ ଅଗ୍ରୱାଲ, ମନିଷା ଅଗ୍ରୱାଲ, ଅଜୟ ଅଗ୍ରୱାଲ, ମଞ୍ଜରୀ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ପୁଷ୍ପାଦେବୀ ଅଗ୍ରୱାଲ, ଅକ୍ଷତ ଅଗ୍ରୱାଲ, ଅଭୟ ଅଗ୍ରୱାଲ, ଅଂଶିକା ଅଗ୍ରୱାଲ ଉପସ୍ଥିତ ଥିଲେ । ତତ୍ ସହିତ ତୁଷାର ଜେନ୍, ଦେବୀ ପ୍ରସନ୍ନ ପଣ୍ଡା, ବିଶ୍ୱଶାନ୍ତି ତ୍ରିପାଠୀ ଓ ବିବେକ ସୁବୁଧିଙ୍କ ପରି ସହଯୋଗୀମାନଙ୍କ ଉପସ୍ଥିତି ଅବସରକୁ ଅଧିକ ସ୍ମରଣୀୟ କରିଥିଲେ । ଭୁବନେଶ୍ୱରର ଲୋକମାନେ ଏବେ ଏଫଏନ୍ପିଙ୍କ ତରୋତାଜା ଫୁଲ, ପ୍ରିମିୟମ କେକ୍ ଓ ବିଭିନ୍ନ ପ୍ରକାରର ଗିଫ୍ଟିଂ ସେବା ଉପଭୋଗ କରିପାରିବେ ।



# ସରକାର ଆଉ କେତେଦିନ ନେତୃତ୍ୱର ଭ୍ରୂଣହତ୍ୟା କରୁଥିବେ: ଭକ୍ତ

## ଆଠ ବର୍ଷ ହେଲା ଛାତ୍ରସଂସଦ ନିର୍ବାଚନ ବନ୍ଦ, ରାଜ୍ୟ ପଛେଇଯାଉଛି; ତୁରନ୍ତ ନିର୍ବାଚନ କରାଯାଉ

ଭୁବନେଶ୍ୱର,୮।୯ : ଦେଶର ଛାତ୍ରସମାଜକୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧି ମତଦାନ ଅଧିକାରକୁ ୧୮ ବର୍ଷକୁ ଖସାଇଥିଲେ। କିନ୍ତୁ ୨୦୧୭-୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳୀନ ସରକାର ବନ୍ଦ କରିଦେଲେ। ବର୍ତ୍ତମାନର ସରକାର ମଧ୍ୟ ନିର୍ବାଚନ କରିବା ଦିଗରେ ଉଦ୍ୟମ କରୁନାହାନ୍ତି। ଛାତ୍ର ନିର୍ବାଚନ ବନ୍ଦ କରିବା ଅର୍ଥ ହେଲି ରାଜନୈତିକ ଦଳମାନେ ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ।

ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ। ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ ସିଏ ଦେଶ ଆଉ ଦଶ ପାଇଁ ଚିନ୍ତାକରେ। ମୁଁ ୧୯୮୫ ମସିହା ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲି, ସେତେବେଳେ ୨୦୦୦ ସାଇକେଲରେ ଛାତ୍ର ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ତେଣୁ ଅସମ୍ଭବ ବୋଲି କିଛି ନାହିଁ, କେବଳ ଗଭୀର ଆତ୍ମବିଶ୍ୱାସ ଦରକାର। ବିଜେଡି-ବିଜେପି ଛାତ୍ର ନିର୍ବାଚନରେ ଟଙ୍କାର ସୁଅ ବୁହାଉଛନ୍ତି, କିନ୍ତୁ ଆମେ ନିର୍ବାଚନରେ ବିଧାୟକ ପ୍ରାର୍ଥୀଙ୍କୁ ଅର୍ଥ



ଦେଇପାରୁନୁ। ତେଣୁ ଯେଉଁ ଛାତ୍ରମାନେ ରାହୁଲ ଗାନ୍ଧୀଙ୍କ ବିଚାରଧାରା, କଂଗ୍ରେସର ସ୍ୱାଧୀନଚେତା ମନୋଭାବ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଦ୍ୱାରା ଅନୁପ୍ରାଣିତ ହେଇଛନ୍ତି, ଯେଉଁମାନେ ଓଡିଶା ଏବଂ ନିଜ ଜିଲ୍ଲାର ଭାଗ୍ୟ ନିର୍ମାଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମସ୍ତ ପ୍ରକାର ସହଯୋଗ କରିବ। ସେଇ ଛାତ୍ରଗଣ ସ୍ଥାନୀୟ ଏନଏସୟୁ ଛାତ୍ର କର୍ମକର୍ତ୍ତାଙ୍କୁ ଭେଟିବା ପାଇଁ ଅନୁରୋଧ କରୁଛି। ଛାତ୍ର ସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହିତ ଭାଇଚାରାର ପୁନଃପ୍ରତିଷ୍ଠା କରୁ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରୁଛି। ଛାତ୍ରଙ୍କୁ ନିବେଦନ, ନିର୍ବାଚନ ସଂଘର୍ଷ ଯେମିତି ଅହିଂସା ଉପାୟରେ ହେବ, ନିଜ କର୍ତ୍ତବ୍ୟ ଅନୁଯାଇ ସଂଗଠନ ମାଧ୍ୟମରେ ନିଜ ଭବିଷ୍ୟତ ଗଢନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ। ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି, ଯେଉଁମାନେ କି ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି। କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ? ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି। ଜେ.ବି. ପଟ୍ଟନାୟକ ରାଭେନ୍ସା କଲେଜ ଛାତ୍ର ଥିବାବେଳେ ୟୁନିୟନ ଜ୍ୟାକ୍ ପତାକା ଓହ୍ଲେଇଦେଇଥିଲେ। ସ୍ୱର୍ଗୀୟ ଶ୍ରୀବଲ୍ଲଭ ପାଣିଗ୍ରାହୀ ଜିଏମ୍ ? କଲେଜ ଛାତ୍ରସଂସଦର ସଭାପତି ଥିବାବେଳେ ନିରଂଜନ ପଟ୍ଟନାୟକ ସାଧାରଣ ସଂପାଦକ ହୋଇଥିଲେ। ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ କ୍ୟାମ୍ପସ ରାଜନୀତିରୁ ଆସିଥିବା ବେଳେ, ପଞ୍ଚାନନ କାନୁନଗୋ, ସ୍ୱର୍ଗୀୟ ଲୁଲୁ ମହାପାତ୍ର ମଧ୍ୟ ଛାତ୍ର ରାଜନୀତିରୁ ଆସିଥିଲେ। ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ମଧ୍ୟ ଅତୀତରେ ଛାତ୍ରନେତା ଥିଲେ। ଏବର ପିସିସି ସଭାପତି ଭକ୍ତ ଚରଣ ଦାସ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟ ଛାତ୍ରସଂସଦ ସଭାପତି ନିର୍ବାଚିତ ହେବା ପରଠାରୁ ରାଜନୀତିରେ ପ୍ରତିଷ୍ଠିତ ହୋଇଥିଲେ। ଯୁବଛାତ୍ର ସଂଘର୍ଷ ବାହିନୀର ପ୍ରଥମେ ରାଜ୍ୟ ଓ ପରେ ସର୍ବଭାରତୀୟ ସଭାପତି ହେବା ସହ କଳାହାଣ୍ଡି ଓ ଅନ୍ୟାନ୍ୟ ସ୍ଥାନରେ ବହୁ ଆନ୍ଦୋଳନ କରିଥିଲେ। ଦୁଇ ପୂର୍ବତନ ସାଂସଦ ସେ ?ମ୍ୟରଂଜନ ପଟ୍ଟନାୟକ ଓ ବ୍ରହ୍ମାନନ୍ଦ ପଣ୍ଡା ୧୯୬୯-୭୦ ଶିକ୍ଷାବର୍ଷରେ ରାଭେନ୍ସା କଲେଜରେ ପରସ୍ପର ବିରୋଧରେ ଲଢ଼ିବା, ଅଶୀ ଦଶକ ଶେଷରେ ଛାତ୍ରନେତା ଥିବାବେଳେ ବାଣୀବିହାର ନିର୍ବାଚନ ?ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କ ଲଢ଼େଇ ଆଜି ମଧ୍ୟ ଓଡ଼ିଶା ଛାତ୍ର ରାଜନୀତିର ଚର୍ଚ୍ଚିତ ଅଧ୍ୟାୟ ଭାବେ ଗଣାଯାଏ।

ବିଜେଡିରେ ଅରୁଣ ସାହୁଙ୍କ ବ୍ୟତୀତ ପ୍ରତାପ ଜେନା ଓ ରାଜା ସ୍ୱାଇଁଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ବିଜେପି ଧର୍ମେନ୍ଦ୍ର ପ୍ରଧାନଙ୍କ ଛଡ଼ା, ସୁରେଶ ପୂଜାରୀ ଓ ମନମୋହନ ସାମଲଙ୍କ ପରି ଅତୀତର ଅନେକ ଛାତ୍ରନେତା ଅଛନ୍ତି। ଶିକ୍ଷାମନ୍ତ୍ରୀ କହିଥିଲେ, ଛାତ୍ରସଂସଦ ନିର୍ବାଚନ ବିଷୟରେ ଠିକଣା ସମୟରେ ନିଷ୍ପତ୍ତି ନେବୁ। ଗତବର୍ଷ ବି ତ ଠିକଣା ସମୟ ପାଇଥିଲେ, କିନ୍ତୁ କିଛି କଲେନି। ଦଶହରା ଛୁଟି ପୂର୍ବଦିନ ନିର୍ବାଚନ ହୁଏ, ସମୟ ପାଖେଇ ଆସିଲାଣି ବୋଲି ସେ ଚେତାଇ ଦେଇଥିଲେ।

ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ.ମନିଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହି ଶିଘ୍ର ଛାତ୍ରସଂସଦ ନିର୍ବାଚନ କରିବାକୁ ଦାବି କରିଥିଲେ। ଦିବଂଗତ ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକରେ ପିସିସି ସଭାପତି ଶ୍ରୀ ଦାସଙ୍କ ଆହ୍ୱାନ କ୍ରମେ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଇ.ସି ସଂଘ ପକ୍ଷରୁ ବ୍ଲକ ଘେରାଉ

ଖଣ୍ଡପଡ଼ା, ୮।୯ (ନିପ୍ର): ଗତ ୬ ମାସ ମଧ୍ୟରେ ଏକାଧିକ ଥର ଆନ୍ଦୋଳନ ସହ ଜିଲ୍ଲା ଓ ବ୍ଲକ ଅଫିସରେ ଦାବିପତ୍ର ଦେଲେଣି। ମାତ୍ର ଦାବି ଦିଗରେ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳରେ ଜୀବିକା ମିଶନ ଇ.ସି ସଂଘ ଏବେ ଆଇନର ଦ୍ୱାରସ୍ଥ ହେବ ବୋଲି ଅଣ୍ଟା ଭିଡିଲାଣି। ତେବେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ରିଜୋଲ୍ୟୁସନ କପି ସହ ଅନ୍ୟ କାଗଜପତ୍ର ଦେବାରେ ସହଯୋଗ କରାଯାଉନଥିବା ନେଇ ସେମାନେ ଅଭିଯୋଗ କରିବା ସହିତ ବ୍ଲକ ଘେରାଉ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ରି-ଷ୍ଟ୍ରକଚରିଂ ପଦ୍ଧତିକୁ ପ୍ରତ୍ୟାହାର କରିବା ପାଇଁ ଦାବି କରି ଶତାଧିକ ମିଶନ ଶକ୍ତି ମହିଳା ଖଣ୍ଡପଡ଼ା ବ୍ଲକ ଘେରାଉ କରିଥିଲେ। ମହିଳା ସଶକ୍ତିକରଣ ମାଧ୍ୟମରେ ମିଶନ ଶକ୍ତିକୁ ଘରେ ଘରେ ପହଞ୍ଚାଇ ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କୁ ଜୀବିକା ଅର୍ଜନର ବାଟ ଦେଖାଇଥିବା ବେଳେ ସରକାର କିନ୍ତୁ ଛଟେଇ କରିବା ଚିନ୍ତାରେ। ଇ.ସି ସଦସ୍ୟା ମାନଙ୍କୁ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଦୃଢ ଦାବି କରିଛନ୍ତି। ଏପରିକି ଦରକାର ପଡିଲେ ସେମାନେ ଅଦାଲତର ଆଶ୍ରୟ ନେବେ ବୋଲି ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ତେବେ ବିଡିଓ ଅଙ୍କୁର ଅଭିଳାଷଙ୍କ ହସ୍ତକ୍ଷେପ ପରେ ସେମାନେ ଧାରଣା ପ୍ରତ୍ୟାହାର କରିଥିବା ସୂଚନା ମିଳିଛି।



# ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚେତନତା କାର୍ଯ୍ୟକ୍ରମ : ସାଇବର ଅପରାଧ ଓ ଆଇନ ବିଷୟରେ

ଭଦ୍ରକ,୮।୯ (ନି.ପ୍ର) : ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ, ଗେଲପୁର ସ୍ଥିତ ରୟାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପ୍ରାଙ୍ଗଣରେ ଏକ ସଚେତନତା କାର୍ଯ୍ୟକ୍ରମ ବିଶେଷକରି ସାଇବର ଅପରାଧ, ଆଇନ ଓ ସୁରକ୍ଷା ସଂକ୍ରାନ୍ତିୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଅନୁଷ୍ଠାନର ପିଲାମାନଙ୍କୁ ସାଇବର ଅପରାଧ, ଆଇନ ଓ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଭାବେ ବୁଝାଇଥିଲେ, ତତ୍‌ସହିତ ସଚିବ ଶ୍ରୀ ରଥ ପିଲାମାନଙ୍କ ସହିତ ଭାବର ଆଦାନ ପ୍ରଦାନ ବିଶେଷକରି ସାମାଜିକ ଗଣମାଧ୍ୟମ, ଇଣ୍ଟରନେଟ୍, ମୋବାଇଲ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ସାଇବର ଠକେଇ, ଅପରାଧ ତଥା ଆଇନ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତିପକ୍ଷ ଅଧିବକ୍ତା ଡ. ତାପସ କୁମାର ମହାନ୍ତି, ପୋଲିସ ଇନ୍‌ସପେକ୍ଟର, ବନ୍ଦନା ଦେବୀ, ଏସ୍.ପି. ଅଫିସ, ଭଦ୍ରକ, ତୃପ୍ତିମୟୀ ପାତ୍ର, ଏ.ଡି.ଇ.ଓ., ଡି.ଇ.ଓ. ଅଫିସ, ହୀମାଦ୍ରୀ ନନ୍ଦୀନୀ ବିଶ୍ୱାଳ, ବିଜ୍ଞାନ ନିରୀକ୍ଷକ ଅଧିକାରୀ, ଡି.ଇ.ଓ. ଅଫିସ, ସଂଜୟ କୁମାର ତ୍ରିପାଠୀ, ଚିଫ୍ ମେନେଜର, ଏସ୍.ବି.ଆଇ. ମୁଖ୍ୟ ବ୍ରାଞ୍ଚ, ଭଦ୍ରକ, ପ୍ରଦୀପ କୁମାର ପଣ୍ଡା, ଚେୟାରମେନ, ଆର.ଜି.ଆଇ. ଗେଲପୁର ଓ ନାରାୟଣ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ ଆର.ଜି.ଆଇ. ଗେଲପୁର ନିଜକୁ ନିଜେ ସୁରକ୍ଷିତ ଓ ସାଇବର ଅପରାଧରୁ ଦୂରେଇ ରହି, ପାଠପଢ଼ା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ତଥା ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ ତଥା ଜିଲ୍ଲା ଆଇନସେବାର କର୍ମଚାରୀ ମାନେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମଟିକୁ ସୁନ୍ଦର ଭାବରେ ପରିଚାଳନା ତଥା ସହଯୋଗ କରିଥିଲେ।



# ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ପୂର୍ବରୁ ପ୍ରତି ବ୍ଲକ ପରିଷରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଶୀଳାଗୁଡ଼ିକର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୮।୯ (ନି.ପ୍ର) : ଓଡ଼ିଶା ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବିତ କରି ରଖିବା ଉଦ୍ଦେଶ୍ୟରେ ୧୯୭୪ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶାସନକାଳରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିଷରରେ ସେହି ଅଞ୍ଚଳର ସ୍ଥାନୀୟ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ ଥାଇ ଯେଉଁ ସଂଗ୍ରାମୀ ସ୍ମୃତିଶୀଳାଗୁଡ଼ିକ ସ୍ଥାପନ କରାଯାଇଥିଲା ବର୍ତ୍ତମାନ ଅନେକ ବ୍ଲକରେ ସେଗୁଡ଼ିକ ଏବେ ଲୁକ୍କାୟିତ, ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାନର ପଡ଼ି ରହିଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ଗରୀମାମୟ ଐତିହ୍ୟକୁ ସୁରକ୍ଷା କରାଯିବା ଏକାନ୍ତ ଜରୁରୀ। ତେଣୁ ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀର ସ୍ମୃତି ଚାରଣ ପାଇଁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଯେଉଁ ବ୍ଲକଗୁଡ଼ିକରେ ଲୁକ୍କାୟିତ ହୋଇଯାଇଥିବା କିମ୍ବା ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ସ୍ମୃତିଶୀଳାଗୁଡ଼ିକ ରହିଛି ଏହାର ଆଶୁ ପୁନରୁଦ୍ଧାର ଓ ଆବଶ୍ୟକ ସ୍ଥଳେ ନୂତନ ସ୍ମୃତିଶୀଳା ନିର୍ମାଣ କରାଯାଇ ଏଥିରେ ଇତି ମଧ୍ୟରେ ଆଉ ଯୋଡ଼ିହେବାକୁ ଥିବା ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ କରାଯିବାକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ବିଶେଷ କରି ଆସନ୍ତା ଗାନ୍ଧୀ ଜୟନ୍ତୀ ଦିବସରେ ଓଡ଼ିଶାର ସମସ୍ତ ବ୍ଲକଗୁଡିକରେ ସ୍ମୃତିଶୀଳାରେ ପୂଜ୍ୟପୂଜା ଓ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ ବ୍ଲକ ପ୍ରସାଶନ ଜରିଆରେ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇ ପାରନ୍ତା ତାହା ଆମ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ ଓ ପୂର୍ବସୁରୀମାନଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୁଅନ୍ତା ବୋଲି ସଭାପତି ଶ୍ରୀପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ମର୍ମରେ ଶ୍ରୀ ପଟ୍ଟନାୟକ ପଞ୍ଚାୟତରାଜ ଓ ପାନୀୟଜଳ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ ପତ୍ର ପଠାଇଛନ୍ତି।

# ରାଜ୍ୟବାସୀଙ୍କୁ ବିଜେଡି ଲଜ୍ଜିତ କରିଛି, ବହୁମୂଲ୍ୟ ଦେବାକୁ ପଡ଼ିବ : ଭକ୍ତ

## ଭୋଟଦାନରୁ ମତଦା ନରୁ ବିରତ ରହିବା ଯାହା, ବିଜେପିକୁ ପରୋକ୍ଷ ସମର୍ଥନ କରିବା ତାହା

ଭୁବନେଶ୍ୱର, ୮/୯: ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ନେଇ ବିଜେଡି ଓଡିଶାବାସୀଙ୍କୁ ଲଜ୍ଜିତ କରିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ଏକ ପ୍ରେସ ବିବୃତ୍ତିରେ ସେ କହିଛନ୍ତି, ବିଜେପି-ବିଜେଡି ଏକ ଅଘୋଷିତ ମେଣ୍ଟ ରାଜନୀତିରେ ଅଛନ୍ତି ବୋଲି ସମସ୍ତେ ଜାଣନ୍ତି । ଗତ ୱାକଫ ବିଲ ପ୍ରକରଣରେ ବିଜେଡିର ଦ୍ୱନ୍ଦ୍ୱରୁ ଉଭୟ ଦଳ କୋଳାକୋଳି ହେଉଥିବା ସ୍ପଷ୍ଟ ହୋଇଥିଲା। ତେବେ ଏହି ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ରାଜ୍ୟର ପ୍ରକୃତ ପ୍ରମୁଖ ବିରୋଧୀ ଦଳ ବୋଲି ପୁଣି ଆସ୍ଥାଭାଜନ ହେବାର ସୁଯୋଗ ଥିଲା । କିନ୍ତୁ ଯାହା ଆଶଙ୍କା କରାଯାଉଥିଲା, ତାହାହିଁ ହେଲା । ପୂର୍ବଭଳି ସିବିଆଇ-ଇଡି ଭୟରେ ଏଥର ମଧ୍ୟ ବିଜେପି ପାଇଁ ପରୋକ୍ଷରେ ବିଜେଡି କାମ କଲା । କାରଣ, ଭୋଟଦାନରୁ ବିରତ ରହିବା ଅର୍ଥ, କେନ୍ଦ୍ରରେ ଶାସକ ଦଳର ପ୍ରାର୍ଥୀଙ୍କୁ ପରୋକ୍ଷ ସମର୍ଥନ ବୋଲି ଶ୍ରୀ ଦାସ କହିଛନ୍ତି । ଏଥିପାଇଁ ବିଜେଡିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଶ୍ରୀ ଦାସ ସତର୍କ କରାଇ ଦେଇଛନ୍ତି ।

# ରୋହିଗାଁରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କୁକୁଡ଼ାଖଣ୍ଡି,୮।୯ (ନି.ପ୍ର) : କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବ୍ଲକର ୨୨ଟି ପଂଚାୟତ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପୂର୍ବରୁ ତିନୋଟି ସବ୍ ଜୋନସ୍ତରୀୟ ତଥା ମହୁଡ଼ା, କୁକୁଡ଼ାଖଣ୍ଡି, ଗୁରୁଣ୍ଡିରେ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ୩ଟି ଜୋନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ୨୯୦ଜଣ ଛାତ୍ରଛାତ୍ରୀ ଆଜିର କ୍ରୀଡ଼ାରେ ଭାଗ ନେଇଥିଲେ । ବିଇଓ ସନ୍ତୋଷ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତୋଳନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଶ୍ରୀମତୀ ପାତ୍ର ଯୋଗଦେଇ ପାଠପଢ଼ା ସହିତ ଛାତ୍ରଛାତ୍ରୀ ଶାରୀରିକ ଓ ମାନସିକ ସମନ୍ୱୟ ରକ୍ଷା କ୍ଷେତ୍ରରେ କ୍ରୀଡ଼ାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଛାତ୍ରଛାତ୍ରୀମାନେ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସରପଂଚ ବଶିଷ୍ଟ କୁମାର ଜେନା, ସମାଜସେବୀ ଉଦୟ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟା ଶିବାନୀ ସେଠୀ, ସମିତିସଭ୍ୟା ଲକ୍ଷ୍ମୀ ସ୍ୱାଇଁ, କୈଳାଶ ବିଷୋୟୀ, ଏବିଇଓ ସୀମାଂଚଳ କାର୍ଜୀ, ଏବିଇଓ ବସନ୍ତ କୁମାର ସେଠୀ, ରୋହିଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ସାବତ, ପିଇଓ ଦିଲ୍ଲୀପ ଓଡ଼ିଆ, ସିଆରସିସି ଜିତେନ୍ଦ୍ର କୁମାର ମହାନ୍ତୀ,ୱାର୍ଡ଼ ମେମ୍ବର ଧ୍ରୁବଣୀ ଜେନା,ଏସ୍. ସବିତା କୁମାରୀ, ରମେଶ ଚନ୍ଦ୍ର ପାତ୍ର, ଶିକ୍ଷୟତ୍ରୀ ଏ.ପୁଷ୍ପଲତା, ଉଷାରାଣୀ ସାହୁ, ହେମନ୍ତ କୁମାର ସେଠୀ, ଭବାନୀ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ଅରୁଣ ପ୍ରସାଦ ଗୌଡ଼ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।



# ସହରାଞ୍ଚଳରେ ଜହ୍ନି ଓଷା ଆରମ୍ଭ

ଖଣ୍ଡପଡ଼ା, ୮।୯ (ନିପ୍ର): ପାର୍ବଣ ପାଇଁ ଉତ୍ସବମୁର ପୁରପଲ୍ଲୀ । ଗାଁ ଓ ସହରରେ ପାଳନ ହେଉଛି ଜହ୍ନି ଓଷା । ଜହ୍ନି ଫୁଲ ଠୋ ଠା କାକୁଡି ଫୁଲ ଠୋ ଠା' ଗୀତରେ ପ୍ରକମ୍ପିତ ହେଉଛି ପରିବେଶ। ମା' ବୃନ୍ଦାବତୀଙ୍କ ନିକଟରେ ହେଉଥିବା ଏହି ବ୍ରତକୁ କୁମାରୀ ମାନେ ପାଳନ କରିଥାନ୍ତି । ଭାଦ୍ରବ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଏହି ପୂଜା କୁମାର ପୂର୍ଣ୍ଣିମାରେ ଶେଷ ହୋଇଥାଏ । ଏକ ମାସ ଧରି ପାଳନ କରାଯାଉଥିବା ଏହି ଓଷା ସମୟରେ ବ୍ରତଧାରୀ କୁଆଁରୀ ମାନେ ମା' ବୃନ୍ଦାବତୀଙ୍କ ନିକଟରେ ପୂଜା କରିବା ସହ ଗୋଟିଏ ଓଳି ସାତ୍ୱିକ ଭୋଜନ କରିଥାନ୍ତି । ଏହି ବ୍ରତ ସମୟରେ ଜହ୍ନି ଖାଇବା କିମ୍ବା ଗଛରୁ ଜହ୍ନି ଫୁଲ କିମ୍ବା ଫଳ ତୋଳିବା ମନା ହୋଇଥାଏ । ଯଦିଓ ମା'ଙ୍କୁ ଜହ୍ନି ଫୁଲ ଦେଇ ପୂଜା କରାଯାଇଥାଏ ତଥାପି ଅନ୍ୟ କେହି ଏହାକୁ ତୋଳି ଆଣିଥାନ୍ତି । ପରିବାରରେ ସୁଖ, ଭାଇକୁ ଭଲରେ ରଖିବା ସହ ଭଲ ବର ଏବଂ ଭଲ ଘର ପାଇବା ପାଇଁ କୁଆଁରୀ କନ୍ୟା ମାନେ ପାଳନ କରିଥାନ୍ତି । ସହରାଞ୍ଚଳ ବଢେଇ ସାହିରେ କୁମାରୀ ମାନେ ଏହି ପୂଜାକୁ ବେଶ ନିଷ୍ଠାର ସହ ପାଳନ କରୁଥିବା ଦେଖିବାକୁ ମିଳିଛି। ଏଥିସହିତ ଆସନ୍ତା କୁମାର ପୂର୍ଣ୍ଣମୀରେ ଏହାକୁ ଆଡମ୍ବର ସହକାରେ ପାଳନ କରାଯିବ ବୋଲି ଓଷା କରୁଥିବା କୁମାରୀ ମାନେ ସୂଚନା ଦେଇଛନ୍ତି।



